**ଲକ୍ଷାଧିକ ଟଙ୍କାର କାଠ ଜବତ**

ଅତାବିରା,(ଡି.ଏନ.ଏ): ବରଗଡ ବନ ବିଭାଗ ପକ୍ଷରୁ ସୋମବାର ମହାନଦୀର ବିଭିନ୍ନ ଫେରିଘାଟରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର କାଠ ଜବତ କରାଯାଇଛି । ଧରିତ୍ରୀରେ 'ଫେରିଘାଟ ଦେଇ କାଠ ଚାଲାଣ' ଶୀର୍ଷକ ପ୍ରକାଶ ପାଇବା ପରେ ଏହି ଚଢ଼ାଉ କରାଯାଇଥିଲା। ଜବତ କରାଯାଇଥିବା କାଠକୁ ବରାହଗୁଡା ଫରେଷ୍ଟ ରେଞ୍ଜ ଅଫିସକୁ ନିଆଯାଇଥିବା ଜଣାପଡିଛି। ପ୍ରତିଦିନ ଧମା, ସିଣ୍ଡୋଳ ରେଞ୍ଜ ଅଞ୍ଚଳରୁ ଫେରିଘାଟ ଦେଇ ଭେଡେନ ଓ ଅତାବିରା ଅଞ୍ଚଳକୁ କାଠ ଚାଲାଣ ହେଉଛି।

## ସଂକ୍ଷେପରେ

### କରୋନା ତଥ୍ୟକୁ ନେଇ ଅନ୍ଧାରରେ ଜିଲାବାସୀ

**ବାଉଁଶୁଣୀ, ୫।୪ (ଡି.ଏନ.ଏ):** ବୌଦ୍ଧ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପୂର୍ବରୁ ଗଣମାଧମ ପ୍ରତିନିଧିଙ୍କୁ ଦୈନିକ କରୋନା ସମ୍ପର୍କିତ ତଥ୍ୟ ରିପୋର୍ଟର୍ସ ଗ୍ରୁପ୍‌ରେ ପ୍ରଦାନ କରାଯାଉଥିଲା। ତେବେ ଗତ ଫେବୃୟାରୀ ୨୬ ତାରିଖ ଠାରୁ ଏ ସମ୍ପର୍କିତ ଆଉ କୌଣସି ସୂଚନା ମିଳୁନାହିଁ। ଫଳରେ ବର୍ତ୍ତମାନ ବୌଦ୍ଧ ଜିଲାବାସୀ ଜିଲାର କରୋନା ସ୍ଥିତି ନେଇ ଅନ୍ଧାରରେ ରହିଛନ୍ତି । ଏ ସମ୍ପର୍କରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ଧରୁଆଙ୍କୁ ପଚାରିବାରୁ ସେ କହିଥିଲେ, ତାଙ୍କୁ ରାଜ୍ୟ କିମ୍ବା ଜିଲା ସ୍ୱାସ୍ଥ୍ୟ ବିଭାଗର କୌଣସି ସୂଚନା ହସ୍ତଗତ ହେଉ ନ ଥିବାରୁ ସେ ଗଣମାଧମକୁ ସୂଚନା ଦେବା ସମ୍ଭବ ହୋଇପାରୁନାହିଁ । ଏ ସମ୍ପର୍କରେ ପଦକ୍ଷେପ ନେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ।

### କରୋନା ଭୟ: ସାପ୍ତାହିକ ବଜାର ସ୍ଥାନାନ୍ତର

**ଭବାନୀପାଟଣା, ୫।୪ (ଡି.ଏନ.ଏ.):** କଳାହାଣ୍ଡି ଜିଲା ବିଭିନ୍ନ ବ୍ଲକରେ କରୋନା ପଜିଟିଭ୍ ସଂକ୍ରମଣ ବୃଦ୍ଧି ହେଉଥିବାରୁ ଜିଲା ପ୍ରଶାସନ ଭବାନୀପାଟଣାର ସାପ୍ତାହିକ ବଜାରକୁ (ମଙ୍ଗଳବାର ଓ ଶନିବାର) ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ୪୪ଟି କରୋନା ଟିକା କେନ୍ଦ୍ରରେ ଗତ ୪ ଦିନ ମଧରେ ୩୭୪୨୧ ଜଣ ୪୫ ବର୍ଷରୁ ଅଧିକ ବୟସ୍କଙ୍କୁ ଟିକା ପ୍ରଦାନ କରାଯାଇଛି। ସେହିଭଳି ୯୨୮୫ଜଣ ସ୍ୱାସ୍ଥ୍ୟ କର୍ମଚାରୀ, ୬୪୬୭ ଜଣ ଆଗଧାଡିର ସ୍ୱାସ୍ଥ୍ୟ କର୍ମଚାରୀ, ୬୦୬୧୦ଜଣ ୪୫ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ଟିକା ପ୍ରଦାନ କରାଯାଇଛି। ସେହିଭଳି ୩୨୫ଜଣ ବେସରକାରୀ ଡାକ୍ତରଖାନାର କର୍ମଚାରୀଙ୍କୁ ମଧ ଟିକା ଦିଆଯାଇଛି। ଜିଲାରେ ମୋଟ ୭୬୬୮୭ ଜଣଙ୍କୁ ଟିକା ପ୍ରଦାନ କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ।

### ବିରୋଧ ପରେ ଉଦ୍ୟାନ ବିଭାଗ ସ୍ଥାନାନ୍ତର ସ୍ଥଗିତ

**ଖଡିଆଳ, ୫।୪ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳସ୍ଥିତ ଉଦ୍ୟାନ ବିଭାଗ ସ୍ଥାନାନ୍ତର ନେଇ ବିରୋଧ ପରେ ଏହାକୁ ବିଭାଗ ସ୍ଥଗିତ କରିଛନ୍ତି। ଖଡିଆଳସ୍ଥିତ ଉଦ୍ୟାନ ବିଭାଗ ସ୍ଥାନାନ୍ତର ନେଇ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ବିରୋଧ କରି ବିଭାଗୀୟ ଯନ୍ତ୍ରୀ ଓ ଉଦ୍ୟାନ ବିଭାଗ ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା କରି ଏଠାରେ କାର୍ଯ୍ୟାଳୟ ରଖିବାକୁ ଦାବି କରିଥିଲେ। ଏ ନେଇ ଉଦ୍ୟାନ ବିଭାଗର ପ୍ରମୁଖ ଶାସନ ସଚିବ, ଜିଲାପାଳ ଏବଂ ଖଡିଆଳ ବିଧାୟକଙ୍କୁ ପତ୍ର ଲେଖି ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଖଡିଆଳଠାରେ ଅବସ୍ଥାପିତ ରହିବ ବୋଲି ଦର୍ଶାଇଛନ୍ତି । ଏହି ଚିଠି ପରେ ଖଡିଆଳ ନଗରବାସୀ ଖଡିଆଳ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂ ଏହି ବିଭାଗର କାର୍ଯ୍ୟାଳୟକୁ ନୂଆପଡାକୁ ସ୍ଥାନାନ୍ତର ନିମନ୍ତେ ପତ୍ର ଲେଖିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଖଡିଆଳ ଜନସାଧାରଣଙ୍କ ମଧରେ ଜନଅସନ୍ତୋଷ ଦେଖାଦେଇଥିଲା।

### ଦେପୁରରେ ମୋ ସ୍କୁଲ ଅଭିଯାନ

**ଭବାନୀପାଟଣା, ୫।୪ (ଡି.ଏନ.ଏ.):** ଭବାନୀପାଟଣା ସଦର ବ୍ଲକ ଦେପୁର ଧବଳେଶ୍ୱର ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଭାଜପା ରାଜ୍ୟ ପରିଷଦ ସଦସ୍ୟ ଭବାନୀଶଙ୍କର ନିଆଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପଣ୍ଡା, ସିଆର୍‌ସିସି ଜୟନ୍ତ ପତି, ପ୍ରମୋଦ ଯୋଶୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନିଆଲ ସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଥିବାରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ଭବାନୀପାଟଣା, ୫।୪ (ଡି.ଏନ.ଏ.) :** ଛତିଶଗଡ ରାଜ୍ୟ ବିଜାପୁରରେ ମାଓବାଦୀଙ୍କ ଆକ୍ରମଣରେ ଗତ ଶନିବାର ଶହୀଦ ହୋଇଥିବା ୨୨ଜଣ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଭବାନୀପାଟଣା ସହର ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଛି। ଅଧକ୍ଷ ଶିବରାମ ନାୟକ ସଭା ପରିଚାଳନା କରିଥିଲେ। ସ୍କୁଲ ଉପଦେଷ୍ଟା ମଣ୍ଡଳୀ ମୁଖ୍ୟ ସୁତମ ନାୟକ, ଶିକ୍ଷାବିତ୍ ପ୍ରଶାନ୍ତ ପ୍ରଧାନ, ବରିଷ୍ଠ ଶିକ୍ଷାବିତ୍ ବ୍ରହ୍ମାନନ୍ଦ ସାମଲ ମାଓବାଦୀଙ୍କ ଏହି ବର୍ବରକାଣ୍ଡକୁ ଦୃଢ଼ ନିନ୍ଦା କରିଥିଲେ।

# ଜୀବିକା ମିଶନରେ ଅର୍ଥ ହଡ଼ପ

**ବରଗଡ଼ ଅଫିସ୍,୫।୪**



ତଦନ୍ତ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଓଡ଼ିଶା ଜୀବିକା ମିଶନରେ କାର୍ଯ୍ୟରତ ସିଆର୍‌ପିମାନେ।

ବରଗଡ଼ ଜିଲା ଭେଡ଼େନ ବ୍ଲକରେ ଓଡ଼ିଶା ଜୀବିକା ମିଶନ ଆଳରେ ବ୍ୟାପକ ଅର୍ଥ ହଡ଼ପ ହୋଇଛି । ଏଭଳି ଅଭିଯୋଗ ନେଇ ସୋମବାର ଉକ୍ତ ବ୍ଲକରେ କାର୍ଯ୍ୟରତ କମ୍ୟୁନିଟି ରିସୋର୍ସ ପର୍ସନ (ସିଆର୍‌ପି)ମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରି ଏହାର ତଦନ୍ତ ଦାବି କରିଛନ୍ତି ।

ପ୍ରକାଶ ଯେ, ଓଡ଼ିଶା ଜୀବିକା ମିଶନ ଅଧୀନରେ ମହିଳାମାନଙ୍କୁ ସିଆର୍‌ପି ଭାବେ ନିଯୁକ୍ତି ଦିଆଯାଇଛି। ସେମାନଙ୍କୁ ପୃଥକ ଟିମ୍‌ରେ ବିଭକ୍ତ କରି ପଞ୍ଚାୟତ ଗୁଡ଼ିକରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ତଥ୍ୟ ସଂଗ୍ରହ ଏବଂ ମାସିକ ୩୦୦ରୁ ୪୫୦ ଘର ସର୍ଭେ କରି ଆବଶ୍ୟକ ରିପୋର୍ଟ ଦେବାର ନିୟମ ରହିଛି । ଏହି କାର୍ଯ୍ୟ କରିବା ପରେ ପ୍ରତିମାସରେ ସେହି ତଥ୍ୟ ଏବଂ ସର୍ଭେ ରିପୋର୍ଟ ବ୍ଲକ କାର୍ଯ୍ୟାଳୟରେ ଥିବା ଓଡ଼ିଶା ଜୀବିକା ମିଶନ ଅଫିସରେ ଜମା ଦେବାକୁ ନିର୍ଦ୍ଦେଶ ରହିଛି। ଏହି କାର୍ଯ୍ୟ ପାଇଁ ସିଆର୍‌ପିଙ୍କୁ ଦୈନିକ ୩ଶହ ଟଙ୍କା ହିସାବରେ ମାସିକ ୯ହଜାର ଟଙ୍କା ଦେବାର ପ୍ରାବଧାନ ରହିଛି। ମାତ୍ର ଏଥିରେ ଚଞ୍ଚକତା କରି ଭେଡ଼େନ ବ୍ଲକରେ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି ।

ସୂଚନାଯୋଗ୍ୟ, ଭେଡ଼େନ ବ୍ଲକ ଅଇଁଲାପାଲି ପଞ୍ଚାୟତରେ ୯୯ହଜାର ୮୭୨, ଲୁପୁରସିଂହା ୪୪ହଜାର ୩୦୦, ଲୁହାଖଣ୍ଡି ୨୯ହଜାର, ଚିଚିଣ୍ଡା ୬୮ହଜାର, ସଂକ୍ରିଡ଼ା ୪୩ହଜାର ୪୩, ସୁନାଲରମ୍ଭା ୭୬ହଜାର ୫୨୯, ପପଙ୍ଗା ୯୭ହଜାର ୬୪୯, ଅର୍ଜୁଣ୍ଡା ୭୪ହଜାର ୨୩୯ ଏବଂ ବକଟୀ ପଞ୍ଚାୟତରେ ୮୯ହଜାର ୬୯ଟଙ୍କା ଏହିପରି ସମୁଦାୟ ୬ଲକ୍ଷ ୨୧ହଜାର ୭୦୧ ଟଙ୍କା ଓଡ଼ିଶା ଜୀବିକା ମିଶନରେ କାର୍ଯ୍ୟରତ ସିଆରପିଙ୍କ ପ୍ରାପ୍ୟ ବାବଦକୁ ଖର୍ଚ୍ଚ ହୋଇଥିବା ସରକାରୀ ଭାବେ ଉଲ୍ଲେଖ ରହିଛି। ମାତ୍ର ବାସ୍ତବତା ଭିନ୍ନ ବୋଲି ଅଭିଯୋଗ ହୋଇଛି। ବିଭିନ୍ନ ପଞ୍ଚାୟତରେ ଟିମ୍ ବଢ଼ାଇ ଏହି ଅର୍ଥର ଦୁରୁପଯୋଗ କରାଯାଇଛି ବୋଲି ସିଆର୍‌ପିମାନେ ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି। ଏହାସହିତ କାର୍ଯ୍ୟରତ ସିଆର୍‌ପିମାନଙ୍କୁ ପରିଚୟପତ୍ର ଓ ସର୍ଭେ ପୂର୍ବରୁ ଗାଇଡଲାଇନ ପ୍ରଦାନ କରିବାକୁ କଳ୍ପନା ଦାଶ, ଅହଲ୍ୟା ମହାଲିଙ୍ଗ, ଉର୍ବଶୀ କୁମ୍ଭାର, ଯଶୋବନ୍ତୀ ଦନ୍ତା, ଭଗବତୀ ନାଏକ ପ୍ରମୁଖ ଦାବି କରିଛନ୍ତି ।

**ତଦନ୍ତ ଦାବି କଲେ ସିଆର୍‌ପି**

# ମୃତଦେହ ରଖି ଧାରଣା

**ଝାରବନ୍ଧ,୫।୪(ଡି.ଏନ.ଏ)**



ମୃତଦେହ ରଖି ଝାରବନ୍ଧ ଥାନା ଆଗରେ ଧାରଣା ଦିଆଯାଇଛି।

ବରଗଡ଼ ଜିଲା ଝାରବନ୍ଧରେ ହୋମଗାର୍ଡ଼ ସଞ୍ଜୟ ପ୍ରଧାନ (୩୭) ରବିବାର କୀଟନାଶକ ପିଇ ଆତ୍ମହତ୍ୟା କରିଥିଲେ। ତାଙ୍କ ଆତ୍ମହତ୍ୟା ପାଇଁ ସ୍ଥାନୀୟ କିଛି ଲୋକଙ୍କୁ ଦାୟୀ କରି ସେମାନଙ୍କୁ ଗିରଫ ଦାବିରେ ସୋମବାର ମୃତକଙ୍କ ସ୍ତ୍ରୀ ଆଶିକାଙ୍କ ସମେତ ଶତାଧିକ ଲୋକ ଝାରବନ୍ଧ ଥାନା ଆଗରେ ମୃତଦେହ ରଖି ଧାରଣାରେ ବସିଥିଲେ । ଅପରାହ୍ନ ପ୍ରାୟ ୩ଟା ୩୦ ମିନିଟରେ ପଦ୍ମପୁର ଏସ୍‌ଡ଼ିପିଓ ପ୍ରଦୀପ କୁମାର ସାହୁ ଧାରଣାସ୍ଥଳକୁ ଆସି ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ ।

ପ୍ରକାଶ ଯେ, ସଞ୍ଜୟ ଏକ ଆକ୍ରମଣ ଘଟଣାର ଅଭିଯୁକ୍ତ ଭାବେ ଗତ ଫେବୃୟାରୀ ୧୬ତାରିଖରେ ଗିରଫ ହୋଇ ପଦ୍ମପୁର ସବଜେଲ୍‌ରେ ଥିଲେ। ଗତ କିଛିଦିନ ତଳେ ଜାମିନ ମିଳିବା ପରେ ସେ ଘରକୁ ଆସିଥିଲେ। ଅନ୍ୟପଟେ ରବିବାର ସେ ଘରେ କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିଲା ବେଳେ ସଞ୍ଜୟଙ୍କ ମୃତ୍ୟୁ ହୋଇଥିଲା। ସୋମବାର ବ୍ୟବଚ୍ଛେଦ ପରେ ମୃତଦେହକୁ ଝାରବନ୍ଧ ଥାନାକୁ ନିଆଯାଇଥିଲା । ମୃତ ହୋମଗାର୍ଡ଼ଙ୍କ ପାଖରୁ ଏକ ସୁଇସାଇଡ଼ାଲ ନୋଟ୍ ମିଳିଥିଲା ଏବଂ ସେଥିରେ ସେ ତାଙ୍କ ଆତ୍ମହତ୍ୟା ପାଇଁ ସ୍ଥାନୀୟ କିଛି ଲୋକଙ୍କୁ ଦାୟୀ କରିଥିବାରୁ ଲୋକେ ଥାନା ଆଗରେ ଧାରଣା ଦେଇଥିଲେ ।

### ବାଲ୍ୟବିବାହ ରୋକିଲା ଚାଇଲ୍ଡ ଲାଇନ

**ଟିଟିଲାଗଡ, ୫।୪(ଡି.ଏନ.ଏ)**

ଟିଟିଲାଗଡ ସହରର ଏକ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ନାବାଳିକା ଝିଅର ବିବାହ ଉଦ୍ୟମକୁ ସୋମବାର ଚାଇଲ୍ଡ ଲାଇନ ଏବଂ ଆଇସିଡିଏସ ବିଭାଗର ମିଳିତ ଉଦ୍ୟମ କ୍ରମେ ରୋକାଯାଇ ପାରିଛି। ଚାଇଲ୍ଡ ଲାଇନ ସଦସ୍ୟ ଶିବାନନ୍ଦ ବେହେରାଙ୍କ ସୂଚନାମତେ, ଭବାନୀପାଟଣା ଥାନା ଅନ୍ତର୍ଗତ ଲଟକାବାହାଲିରେ ଜଣେ ଯୁବକଙ୍କ ବିବାହ ସୋମବାର ସ୍ଥିର ହୋଇଥିଲା। ତେବେ କନ୍ୟା ଅନ୍ୟ ଜଣଙ୍କ ସହ ଫେରାର ମାରିବା ପରେ ଟିଟିଲାଗଡ ଅଞ୍ଚଳର ନାବାଳିକା ସହ ତାଙ୍କର ଜୋରଜବରଦସ୍ତ ବିବାହ ପାଇଁ ଉଦ୍ୟମ ଚାଲିଥିଲା। ଏଥିରେ ସମ୍ପୃକ୍ତ ନାବାଳିକାଙ୍କ ପିତା ଏବଂ ସାବତ ମାଆ ସାମିଲ ଥିଲେ। ଏପରିକି ନାବାଳିକାଙ୍କର ସୋମବାର ସ୍କୁଲରେ ପରୀକ୍ଷା ଥିବା ବେଳେ ମାରପିଟ କରି ସେଠାକୁ ନେଇ ଶତାଧିକ କୁଣିଆ ତଥା ଗ୍ରାମବାସୀଙ୍କ ଉପସ୍ଥିତିରେ ବିବାହ ଉଦ୍ୟମ କରାଯାଇଥିଲା। ଖବର ପାଇ ଟିଟିଲାଗଡ ସିଡିପିଓ ମୃଣ୍ମୟୀ ଭୋଇ, ସୁପରଭାଇଜର ମଞ୍ଜୁଲତା ପାଢ଼ୀ, ସୁଲୋଚନା ମହାନନ୍ଦ, ଭବାନୀପାଟଣା ଜିଲା ସମାଜ କଲ୍ୟାଣ ଅଧିକାରୀ ଜ୍ୟୋର୍ତିମୟୀ ଜ୍ୟୋତ୍ସ୍ନାରାଣୀ ପାତ୍ର, ଡିସିପିଓ କାଉନସିଲର ଅଂଶୁମାନ ବାବୁ, କେନ୍ଦ୍ରୀୟ ସଂଯୋଜକ କରିଷ୍ମା ଦେବୀ, କେସିଙ୍ଗା ସିଡିପିଓ ମୁଜିବୁଲ ନେସା, ଚାଇଲ୍ଡ ଲାଇନ ସଦସ୍ୟ ସୁବାଶ ନାୟକ, ମହେନ୍ଦ୍ର ଚାଲାଣ ପ୍ରମୁଖ ସ୍ଥାନୀୟ ପୋଲିସ ସହ ଉକ୍ତ ଗ୍ରାମରେ ପହଞ୍ଚିଥିଲେ। ତେବେ ସେଠାରୁ କୌଶଳକ୍ରମେ ନାବାଳିକାଙ୍କୁ ତାଙ୍କ ପିତା ଟିଟିଲାଗଡକୁ ନେଇ ଆସିଥିବା ଜଣାଯାଇଛି। ତେବେ ଟିଟିଲାଗଡ ଆଇସିଡିଏସ କର୍ମଚାରୀ ନାବାଳିକାଙ୍କୁ ଠାବ କରିଛନ୍ତି।

# ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଉଚ୍ଛେଦ: ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୫।୪**



ଜିଲାପାଳଙ୍କୁ ଫେରାଦ ହୋଇଥିବା ଅଭିଭାବକବୃନ୍ଦ ।

ବରଗଡ଼ ଜିଲା ସୋହେଲା ବ୍ଲକ କେଲେଣ୍ଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲରୁ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଉଚ୍ଛେଦ କରାଯିବାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପୁନର୍ବିଚାର କରିବା ଦାବିରେ ସୋମବାର ଅଭିଭାବକମାନେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଯେ, କେଲେଣ୍ଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିଲା। ସ୍କୁଲ ଓ ଗଣଶିକ୍ଷା ବିଭାଗର ପତ୍ରସଂଖ୍ୟା-୧୪୩୩୮ ତା-୧୨।୧୦।୨୦ ଅନୁସାରେ ଉକ୍ତ ସ୍କୁଲର ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଛି । ଫଳରେ ଏହି ୩ ଶ୍ରେଣୀର ଛାତ୍ରୀଛାତ୍ର ଗ୍ରାମଠାରୁ ୪କି.ମି ଦୂର ସାଲେପାଲି ହାଇସ୍କୁଲକୁ ପଢ଼ିବାକୁ ଯିବା ସମ୍ଭବପର ନୁହେଁ ବୋଲି ନିରୁପମା ବିଶି, ବୈଦେହୀ ବରିହା, ବୀଣା ସାହୁ, ବନିତା ସାହୁ ପ୍ରମୁଖ ଅଭିଭାବକ କହିଛନ୍ତି ।

# ବିଦ୍ୟୁତ୍ ସବ୍‌ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ

**ନୂଆପଡା ଅଫିସ,୫।୪**




କୁରୁମପୁରୀ ବିଦ୍ୟୁତ୍ ସବଷ୍ଟେଶନ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- **ଅଘୋଷିତ ବିଦ୍ୟୁତ୍ କାଟ୍, ଲୋ-ଭୋଲଟେଜ୍ ସମସ୍ୟା**
- **ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଦାବିପତ୍ର**

ଅଘୋଷିତ ବିଦ୍ୟୁତ୍ କାଟ୍, ଲୋ-ଭୋଲଟେଜ୍ ସମସ୍ୟା ନେଇ ସୋମବାର ନୂଆପଡା ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆହ୍ୱାନକ୍ରମେ ପରିଷଦର ଆବାହକ ଯଦୁମଣୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ କୁରୁମପୁରୀ ବିଦ୍ୟୁତ ସବଷ୍ଟେଶନ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ୱେସ୍କୋ ନିର୍ବାହୀ ଯନ୍ତ୍ରୀ ନୂଆପଡାରୁ କୁରୁମପୁରୀ ଆସି ଚାଷୀ ତଥା ପରିଷଦର ଆବାହକ ପାଣିଗ୍ରାହୀଙ୍କ ସହିତ ବିଦ୍ୟୁତ୍ ସମସ୍ୟା ଉପରେ ଆଲୋଚନା କରି ନିର୍ବାହୀ ଯନ୍ତ୍ରୀ ଦାବିପତ୍ର ଗ୍ରହଣ କରିଥିଲେ। ଅଘୋଷିତ ବିଦ୍ୟୁତକାଟ ହେବ ନାହିଁ। ଲୋ-ଭୋଲଟେଜ ସମସ୍ୟାକୁ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ୱେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। କୋମନା ବ୍ଲକରେ ଶହ ଶହ ଚାଷୀ ଗଭୀର ନଳକୂପ କରି ରବି ଧାନ ଚାଷ କରିଛନ୍ତି। ଲୋ- ଭୋଲଟେଜ ସାଙ୍ଗକୁ ଅଘୋଷିତ ବିଦ୍ୟୁତ କାଟ ଯୋଗୁ ଚାଷ ନଷ୍ଟ ହୋଇ ବସିଲାଣି। ପ୍ରବଳ ଗ୍ରୀଷ୍ମ ପ୍ରବାହ ତାତିରେ ସାଧାରଣ ଉପଭୋକ୍ତା ନାହିଁ ନ ଥିବା ଅସୁବିଧା ଭୋଗ କରିଛନ୍ତି। ପୁଣି ବିଦ୍ୟୁତ ଦରବୃଦ୍ଧି ଲୋକଙ୍କୁ ଅତିଷ୍ଠ କରି ଦେଲାଣି। କୋଭିଡ୍ ମହାମାରୀର ସଂକ୍ରମଣକୁ ଦୃଷ୍ଟିରେ ରଖି ମାସ୍କ ଓ ସାମାଜିକ ଦୂରତା ରକ୍ଷା କରି ଆନ୍ଦୋଳନକୁ ଓହ୍ଲାଇଥିଲେ। କୋଭିଡ୍ ମହାମାରୀ ଓ ଆର୍ଥିକ ବିପର୍ଯ୍ୟସ୍ତ ସମୟରେ ବର୍ଦ୍ଧିତ ବିଦ୍ୟୁତ ଦର ପ୍ରତ୍ୟାହାର, ଲୋ-ଭୋଲଟେଜ, ଅଘୋଷିତ ବିଦ୍ୟୁତ କାଟ ବନ୍ଦ, ନୂଆପଡା ସବଷ୍ଟେଶନରୁ କୁରୁମପୁରୀ ସବଷ୍ଟେଶନକୁ ବିଦ୍ୟୁତ ଯୋଗାଣ କରିବା, କୋମନା ବ୍ଲକରେ ଆଉ ଏକ ଗ୍ରୀଡ ଷ୍ଟେଶନ ଆବଶ୍ୟକ ଉପକରଣ ଟ୍ରାନ୍ସଫର୍ମର ଯୋଗାଇ ଦିଆଯାଉ ବୋଲି ଦାବି କରାଯାଇଛି । ଦାବିଗୁଡିକ ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ମାଧମରେ ଜବାବ ଦିଆଯିବ ବୋଲି ଆବାହକ ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଶଙ୍କର ଅହୀର, ସନ୍ତୋଷ ବିଶ୍ୱାଳ, ମହେଶ ରାମ ଅହୀର, ମୋହନ ସୋନୀ, ଶିବ ପାତ୍ର, ବୃନ୍ଦାବନ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ବିଜୁଳି ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ଧାରଣା



ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି ।

**ବଲାଙ୍ଗୀର ଅଫିସ, ୫।୪**

ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନକ୍ରମେ ବିଜୁଳି ଦର ବୃଦ୍ଧି ପ୍ରତିବାଦରେ ସୋମବାର ବଲାଙ୍ଗୀର ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ନଗର କଂଗ୍ରେସ କମିଟି ସଭାପତି ବୁଲୁ ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବାରମ୍ବାର ବିଜୁଳି ଦର ବୃଦ୍ଧିକୁ ନେଇ କଂଗ୍ରେସ ନେତା ଓ କର୍ମୀମାନେ ବର୍ଷିଥିଲେ । କରୋନା ମହାମାରୀ କାଳରେ ରାଜ୍ୟବାସୀ ନିଜର ଆର୍ଥିକ ସ୍ଥିତି ହରେଇ ବସିଛନ୍ତି। ଜନସାଧାରଣ ନିଜର ଅତ୍ୟାବଶକ ଖର୍ଚ୍ଚ ପାଇଁ ସଂଘର୍ଷ କରୁଥିବାବେଳେ ସରକାରଙ୍କ ବିଜୁଳି ଦର ବୃଦ୍ଧି ବୋଝ ଉପରେ ନଳିତା ବିଡା ଭଳି ହୋଇଛି। ରାଜ୍ୟ ସରକାର ଯଥାଶୀଘ୍ର ବର୍ଦ୍ଧିତ ଦର ପ୍ରତ୍ୟାହାର ନ କଲେ କଂଗ୍ରେସ କମିଟି ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରିବ ବୋଲି ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଜିଲା କିଷାନ ସେଲ୍ ଅଧକ୍ଷ ସାନନ୍ଦ ମିଶ୍ର, ଅଜୟ ବାଲି, ଉମାଶଙ୍କର ପଣ୍ଡା, ଲିଗାଲ ସେଲ୍ ଅଧକ୍ଷ ଉମାକାନ୍ତ ସାହୁ, ସେବାଦଳ ମୁଖ୍ୟ ଅସିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ସୋନପୁର

**ସୋନପୁର(ନି.ପ୍ର.):** ସୁବର୍ଣ୍ଣପୁରରେ ଜିଲା କଂଗ୍ରେସ କମିଟି ପକ୍ଷରୁ ସୋନପୁର ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇ ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଗୌରିଶ୍ୟାମ ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର କୁମାର ପଣ୍ଡା, ରାଜେଶ ମିଶ୍ର, ମାଧବ କୁମ୍ଭାର, ଶେଷଦେବ ମେହେର, ନିମାଇଁ ପାଣିଗ୍ରାହୀ, ସଚି ସାହୁ, କୃତ୍ତିବାସ ପାଣିଗ୍ରାହୀ ଓ ହୃଷି ମିଶ୍ର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ତରଭାରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଇଲେକ୍ଟ୍ରିକ୍ ସେକ୍ସନ ଅଫିସରଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଶିବ କୁମାର ଅଗ୍ରୱାଲା, କାର୍ତ୍ତିକ ନାଗ, ପ୍ରବୀଣ ସାହୁ ଓ ଶ୍ରୀତମ ଭୁଷଣ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

### ବରଗଡ଼



କଂଗ୍ରେସ କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସକୁ ଯାଉଛନ୍ତି ।

**ବରଗଡ଼ ଅଫିସ୍:** ବିଦ୍ୟୁତ ଦେୟ ବୃଦ୍ଧିକୁ ନେଇ ଜନଅସନ୍ତୋଷ ତେଜିବାରେ ଲାଗିଛି। ଏହି କ୍ରମରେ ସୋମବାର ବରଗଡ଼ ଜିଲା କଂଗ୍ରେସ ପକ୍ଷରୁ ବାଇକ୍ ଯୋଗେ ଦଳୀୟ କାର୍ଯ୍ୟାଳୟରୁ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରି ବିଦ୍ୟୁତ ବିଭାଗର ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ୍‌ରେ ପହଞ୍ଚିଥିଲା। ସେଠାରେ ନିର୍ବାହୀ ଯନ୍ତ୍ରୀ ଅନୁପମ ଦାଶଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ନିପନ କୁମାର ଦାଶ, ସୁଶାନ୍ତ ସାହୁ, ଅନନ୍ତ ତାଣ୍ଡି, ଅବଦୁଲ ଗଫାର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

### ନୂଆପଡ଼ା

**ନୂଆପଡା ଅଫିସ:** ବିଦ୍ୟୁତ୍ ଦର ବୃଦ୍ଧି ନେଇ ଜନଅସନ୍ତୋଷ ତେଜିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ସୋମବାର ନୂଆପଡା ଜିଲା କଂଗ୍ରେସ କମିଟି ପକ୍ଷରୁ ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ କମିଟି ଅଧ୍ୟକ୍ଷ ଘାସିରାମ ମାଝିଙ୍କ ନେତୃତ୍ୱରେ ହୋଇଥିବା ବିକ୍ଷୋଭରେ ବରିଷ୍ଠ କଂଗ୍ରେସ ନେତା ଦେବଦତ୍ତ ଦୀକ୍ଷିତ, ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଶାହରୁଖ ଖାନ, କୋମନା ବ୍ଲକ ସଭାପତି କୈଳାଶ ଦାଶ, ନୂଆପଡା ନଗର କଂଗ୍ରେସ ସଭାପତି କୁଳଦୀପ ସ୍ୱରଜ, ଗୋଳି ତିୱାରୀ, ଭୀମ ଯାଦବ, ମୁନ୍ନାଲାଲ ଦେବାଙ୍ଗନ ପ୍ରମୁଖ ସାମିଲ ଥିଲେ। ବିଦ୍ୟୁତ୍ ଦର ପ୍ରତ୍ୟାହାର ନ ହେଲେ ଆଗାମୀ ଦିନରେ ଜୋରଦାର ଲଢ଼େଇ ହେବ ବୋଲି ଜିଲା କଂଗ୍ରେସ କମିଟି ସଭାପିତ ମାଝି ଚେତାବନୀ ଦେଇଛନ୍ତି।

### ବୌଦ୍ଧ



ବୌଦ୍ଧ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ।

**ବୌଦ୍ଧ,(ସ୍ୱ.ପ୍ର):** ବୌଦ୍ଧ ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଜିଲା ସଦର ମହକୁମାସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ୪ ଘଣ୍ଟା ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାର ପ୍ରମୁଖ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇ ବିଦ୍ୟୁତ ଦର ବୃଦ୍ଧି ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ପରେ ଜିଲା କଂଗ୍ରେସ କମିଟି ପକ୍ଷରୁ ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭ ସମାବେଶରେ ନାରାୟଣ ପ୍ରସାଦ ପରିଜା, ସୁଧୀର କୁମାର କର୍ଣ୍ଣ, ପ୍ରଶାନ୍ତ କୁମାର ସାହୁ, ପଙ୍କଜ କୁମାର କର୍ଣ୍ଣ, ସମରେନ୍ଦ୍ର ମହାକୁଡ, ବେଣୁଧର ମେହେର, ବୁଦ୍ଧଦେବ ପ୍ରଧାନଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

**ସିନ୍ଦୂରପୁର, କୁଇବାହାଲ ହାଇସ୍କୁଲକୁ ୫ ମଡେଲ ସ୍କୁଲ ସ୍ୱୀକୃତି**

ବିନିକା,(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଦୁରପୁର ହାଇସ୍କୁଲ ଓ କୁଇବାହାଲ ହାଇସ୍କୁଲକୁ ୫ଟି ମଡେଲ ସ୍କୁଲ ସ୍ୱୀକୃତି ମିଳିଛି। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହି ସ୍ୱୀକୃତି ମିଳିବା ପରେ ଆଗକୁ ଉଭୟ ସ୍କୁଲରେ ଶିକ୍ଷା ପ୍ରଦାନ ବ୍ୟବସ୍ଥା ଉଚ୍ଚକୋଟୀର ହେବ। ସ୍ମାର୍ଟ ଶ୍ରେଣୀଗୃହ, ସ୍ମାର୍ଟ ପାଇଖାନା ଓ ସଫା ସୁତୁରା ପରିବେଶରେ ପିଲାଏ ଶିକ୍ଷାଲାଭ କରିବେ । ବିନିକା ଶିକ୍ଷା ବିଭାଗ ପକ୍ଷରୁ ସିନ୍ଦୁରପୁର ୫ଟି ମଡେଲ ସ୍କୁଲ ପାଇଁ ବିନିକା ବ୍ଲକକୁ ସମସ୍ତ ଡାଟା ପଠା ସରିଛି। ଖୁବ୍‌ଶୀଘ୍ର କୁଇବାହାଲ ସ୍କୁଲ ଡାଟା ପ୍ରେରଣ କରାଯିବ ବୋଲି ସୂଚନା ମିଳିଛି।



# ରାସ୍ତାରେ ଡ୍ରେନ୍ ପାଣି

ବଲାଙ୍ଗୀର ଅଫିସ, ୫।୪

ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ଏକ ଟୁଇଟର ଆକାଉଣ୍ଟ ଖୋଲାଯାଇଛି। ଏଥିରେ ଭଳିକିଭଳି ଫଟୋ ଓ ଭିଡିଓ ଅପ୍‌ଲୋଡ କରାଯାଇଛି। ଏହି ଟୁଇଟର ଆକାଉଣ୍ଟକୁ ଯେକେହି ଦେଖିଲେ ବଲାଙ୍ଗୀର ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସହର ପାଇଁ କିଭଳି ବଡ଼ ଯୋଜନା କରୁଛନ୍ତି ଓ ଏଠାରେ ଏକ ସକ୍ରିୟ ମ୍ୟୁନିସିପାଲିଟି କିଭଳି କାର୍ଯ୍ୟ କରୁଛି ତାହା ହୃଦୟଙ୍ଗମ କରିପାରବେ। ହେଲେ ବାସ୍ତବ ଚିତ୍ର ଭିନ୍ନ। ମ୍ୟୁନିସିପାଲିଟିର ମୌଳିକ କାର୍ଯ୍ୟରେ ସଫେଇ ଓ ପରିମଳକୁ ଗୁରୁତ୍ୱ ଦିଆଯାଏ। ବଲାଙ୍ଗୀର ସହରର ବିଭିନ୍ନ ପଡାକୁ ଗଲେ ଯେକେହି ଆବର୍ଜନା, ଡ୍ରେନ୍ ଦୁର୍ଗନ୍ଧ ଓ ଅବ୍ୟବସ୍ଥାର ଚିତ୍ର ଦେଖିପାରିବେ। ବଲାଙ୍ଗୀର ସହର ୧୮ ନମ୍ବର ୱାର୍ଡ ଅନ୍ତର୍ଗତ ତୁଳସୀନଗରପଡାର ଚିତ୍ର ଦେଖିଲେ ଏହା ଗାଁ କି ସହର କେହି କହିପାରିବେ ନାହିଁ। ତୁଳସୀନଗରପଡା ଶେଷଗଳିରେ ଦୀର୍ଘବର୍ଷ ହେଲା ଡ୍ରେନ୍ ତିଆରି କରାଯାଇ ନ ଥିବାରୁ ରାସ୍ତା ମଝିରେ ଡ୍ରେନ୍ ପାଣି ମାଡୁଛି। ଏଥିଯୋଗୁ ରାସ୍ତା ଏତେ କଦର୍ଯ୍ୟ ହୋଇପଡୁଛି ଯେ, ଏଥିରେ ଚାଲିକରି ଯିବା ସମ୍ଭବ ହେଉନାହିଁ। ଲୋକେ ଯିବା ଆସିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଡିମୋଟର ଯିବା ଆସିବା ବେଳେ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡୁଛି।


ତୁଳସୀନଗରପଡ଼ା ଗଳି ରାସ୍ତା ଉପରେ ଡ୍ରେନ୍ ପାଣି ଛୁଟୁଛି।

- ବଲାଙ୍ଗୀର ମ୍ୟୁନିସିପାଲିଟିର ଚିତ୍ର
- ଅଧାରେ ଅଟକିଛି ଡ୍ରେନ୍ କାମ
- ପରିମଳ ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଉନି
- ଯାତାୟାତରେ ଲୋକେ ହଟହଟା

ନିର୍ବାଚିତ ବିଜେଡି ପୌର ପରିଷଦ କାର୍ଯ୍ୟକାଳ ସରିବା ପରେ ଜିଲା ପ୍ରଶାସନ ଦାୟିତ୍ୱରେ ମ୍ୟୁନିସିପାଲିଟି ପରିଚାଳନା ଭାର ରହିଛି । ନିର୍ବାଚିତ ପୌର ପରିଷଦ ଏହି ପଡାରେ ଡ୍ରେନ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରି ପାରି ନ ଥିଲା। ପ୍ରଶାସନ କ୍ଷମତାସୀନ ହେବା ପରେ ଡ୍ରେନ୍ ସମସ୍ୟା ତୁଟିବ ବୋଲି ଲୋକେ ଆଶା କରିଥିଲେ । ତେବେ ପ୍ରଶାସନ ମଧ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରୁନାହିଁ । ଏହି ପଡ଼ାରାସ୍ତାର ଅଧାଯାଏ ଡ୍ରେନ୍ ନିର୍ମାଣ କାମ ସରିଛି । ସେଠାରୁ ଆଗକୁ କାମ କରାଯାଉ ନ ଥିବାରୁ ଡ୍ରେନ୍ ପାଣି ନିଷ୍କାସିତ ନ ହୋଇ ରାସ୍ତା ମଝିରେ ଯାଉଛି । ଏନେଇ ପଡାବାସୀ ବାରମ୍ବାର ମ୍ୟୁନିସିପାଲିଟି ଅଫିସକୁ ଯାଇ ଡ୍ରେନ୍ କାମ ସମ୍ପୂର୍ଣ୍ଣ କରିବାକୁ ନିବେଦନ କରିଛନ୍ତି । ମାତ୍ର କୌଣସି ସୁଫଳ ମିଳୁନାହିଁ । ଏହା ସହ ବିଭିନ୍ନ ପଡାରେ ସଫେଇ କାମ, ପରିମଳ ବ୍ୟବସ୍ଥା ଓ ଡ୍ରେନ୍ ପରିଚାଳନାକୁ ପୌର କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଏନେଇ ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କୁ ପଚରାଯିବାରୁ ତୁଳସୀନଗରପଡାର ଉକ୍ତ ରାସ୍ତାକଡ଼ ଡ୍ରେନ୍‌ରେ କ'ଣ ସମସ୍ୟା ରହିଛି ତଦାରଖ କରିବା ପରେ କହିପାରିବେ ବୋଲି ପ୍ରକାଶ କରିଛନ୍ତି।

# ସୁଧୁରୁନି ପରିମଳ ବ୍ୟବସ୍ଥା

ସୋନପୁର, ୫।୪(ନି.ପ୍ର.)


ସୋନପୁର ସହର ବଡବଜାର(ମିଶ୍ରପଡା)ରେ ଡ୍ରେନ୍ ଆବର୍ଜନାରେ ଭରି ଯାଇଛି ।

ଘରୋଇକରଣ ପରେ ବି ସୁବର୍ଣ୍ଣପୁର ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆସିନି। ମନ୍ଦିର ମାଳିନୀ ଏହି ସହର ଅପରିଷ୍କାର ରହୁଛି। ସହର ଦୁଇପାର୍ଶ୍ୱରେ ମହାନଦୀ ଓ ତେଲନଦୀ ଘେରି ରହିଛି। ଜନସଂଖ୍ୟା ଓ ଭୌଗୋଳିକ ଦୃଷ୍ଟିକୋଣରୁ ଛୋଟ ସହରଟି ସ୍ୱଚ୍ଛ ଓ ସୁନ୍ଦର ରହିବା କଥା। କିନ୍ତୁ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଏ ଦିଗରେ ଆଦୌ ସଚେତନ ନୁହନ୍ତି। ସରକାର ପୌର ନିର୍ବାଚନ କରୁନାହାନ୍ତି। ଦାୟିତ୍ୱରେ ପ୍ରଶାସନିକ ଅଧିକାରୀ ଅଛନ୍ତି। ସହରବାସୀଙ୍କ ନିକଟରେ ସେମାନେ ଉତ୍ତରଦାୟୀ ଥିବା ଭଳି ମନେକରୁନାହାନ୍ତି। ଅନ୍ୟପକ୍ଷେ ବେସରକାରୀ ସଂସ୍ଥା ହାତକୁ ସମସ୍ତ ୧୫ଟି ୱାର୍ଡର ସଫେଇ ଦାୟିତ୍ୱ ଟେକିଦେଇ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି। ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ହେଉନି। ଏହାର ତଦାରଖ ନ ହୋଇ ମାସିକ ୮ରୁ ୯ ଲକ୍ଷ ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ବୁଦ୍ଧିଜୀବୀ ଅଭିଯୋଗ କଲେ ଓ ସାମାଜିକ ଗଣମାଧ୍ୟମର ଦୃଷ୍ଟିଆକର୍ଷଣ କଲେ କିଛି ସୁଫଳ ମିଳୁନି। ବ୍ଲକ ଛକ, ଆମ୍ବେଦକର ଛକ, କଚେରି ଛକ, ବସ୍‌ଷ୍ଟାଣ୍ଡ ପରିସର, ଘୋଡାଘାଟପଡା, ଥନାପତିପଡା, ନୂଆପଡା ଓ ବଡବଜାରରେ ଡ୍ରେନ୍‌ଗୁଡିକ ପୋତି ହୋଇଗଲାଣି। ବର୍ଷବର୍ଷ ଧରି ଡ୍ରେନ୍‌ରୁ ମାଟି, ଆବର୍ଜନା ଉଠାଯାଉନି। ଦୋକାନୀମାନେ ହୀନସ୍ତା ହେଉଛନ୍ତି। ଏପରିକି ଡ୍ରେନ୍‌ଗୁଡିକରେ କୀଟନାଶକ କିମ୍ବା ବ୍ଲିଚିଂ ପକାଯାଉନି। ମଶା ଧୂଆଁ ବି ଦିଆଯାଉନି। ଅସ୍ୱାସ୍ଥ୍ୟକର ପରିବେଶ ମଶାଙ୍କ ସଂଖ୍ୟା ବୃଦ୍ଧି କରୁଛି। ଅନ୍ୟପକ୍ଷେ ପଲିଥିନମୁକ୍ତ ସହର ବୋଲି ପରିଷଦ କର୍ତ୍ତୃପକ୍ଷ ଅଢେଇ ବର୍ଷ ପୂର୍ବରୁ ଏନ୍‌ଜିଟିରେ ସତ୍ୟପାଠ ଦାଖଲ କରିଛନ୍ତି। ମାତ୍ର ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ପଲିଥିନର ବହୁଳ ବ୍ୟବହାର ହେଉଛି। ଡ୍ରେନ୍‌ଗୁଡିକ ପଲିଥିନରେ ପୋତି ହୋଇଗଲାଣି। ସେଗୁଡିକ ସିଧାସଳଖ ନଦୀରେ ଛଡାଯାଉଛି। ସଫେଇ କର୍ମଚାରୀମାନେ ରାସ୍ତାଘାଟରେ ପଡିଥିବା ପଲିଥିନକୁ ଠୁଳ କରି ସକାଳେ ବେଆଇନଭାବେ ପୋଡି ଦେଉଛନ୍ତି। ପ୍ରାତଃ ଭ୍ରମଣରେ ଯାଉଥିବା ଲୋକେ ପଲିଥନ ଧୂଆଁରେ ଅଣନିଃଶ୍ୱାସୀ ହୋଇପଡୁଥିବା କହିଛନ୍ତି ପରିବେଶବିତ୍ ତଥା ଆଇନଜୀବୀ ମଧୁସୂଦନ ପ୍ରଧାନ। ସ୍ୱଚ୍ଛତା ପାଇଁ ସଚେତନତା ସୃଷ୍ଟି ସକାଶେ କେନ୍ଦ୍ର ସରକାର ବଡାଖାନା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ପ୍ରତି ମାସ ଏହା ପରିଷଦ ପକ୍ଷରୁ ପାଳନ କରାଯାଉଛି। ମାତ୍ର ଏହା ସହରକୁ ସ୍ୱଚ୍ଛ ରଖିବା ବଦଳରେ ଭାଷଣବାଜି ଓ ଭୋଜିଭାତରେ ସୀମିତ ରହୁଥିବା ଆଲୋଚନା ହେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସହରକୁ ସବୁଜ ସୁନ୍ଦର କରିବାକୁ ଆନ୍ତରିକତାର ସହ ଉଦ୍ୟମ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି ।

**ସୁବର୍ଣ୍ଣପୁର ସହର**
- ପୋତିହେଲାଣି ଡ୍ରେନ୍
- ବଢୁଛି ମଶା ପ୍ରାଦୁର୍ଭାବ

## ସଂକ୍ଷେପରେ

### ଲୋୟର ଇନ୍ଦ୍ର ପ୍ରକଳ୍ପ ପାଣି ନ ପହଞ୍ଚିବା ନେଇ ଉଦ୍‌ବେଗ

**ମୁରିବାହାଲ, ୫।୪(ଡି.ଏନ.ଏ.):** ଲୋୟର ଇନ୍ଦ୍ର ପ୍ରୋଜେକ୍ଟ ପାଣି ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗଁରେଇ ମଣ୍ଡଳର ୬ଟି ପଞ୍ଚାୟତରେ ଏ ଯାଏ ପହଞ୍ଚି ପାରିନାହିଁ। ଏ ନେଇ ଡଙ୍ଗରପଡା କୋକଡୁଙ୍ଗରିଠାରେ ରବିବାର ଅନୁଷ୍ଠିତ ଗଁରେଇ ମଣ୍ଡଳ ଭାଜପା କାର୍ଯ୍ୟକାରିଣୀ ବୈଠକରେ ସରକାରଙ୍କ ବିରୋଧରେ ଏକ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଛି। ଏହା ସହ ବୈଠକରେ ଦଳୀୟ ସଂଗଠନ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଜିଲା ସଭାପତି ଶିବାଜୀ ମହାନ୍ତି, ମଣ୍ଡଳ ସଭାପତି ମହାଦେବ ଟାହାଣି, କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଲକ୍ଷଣ ବାଗ, ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ହରିଜନ ମୋର୍ଚ୍ଚା ଜିଲା ଉପସଭାପତି ଧ୍ରୁବଳେଶ୍ୱର ଲୁହା, ମୁରିବାହାଲ ମଣ୍ଡଳ ସଭାପତି ସୁରେଶ ଭୋଇ, ହଳଦୀ ମଣ୍ଡଳ ସଭାପତି ଈଶ୍ୱର ପୁଟେଲ, ପ୍ରଦୀପ ବଛା, ପଦ୍ମନାଭ ସାହୁ, ସୁରେଶ ନେଉରା ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳର ବିଜୟ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟକର୍ତ୍ତାମାନେ ଆଗେଇ ଆସିବାକୁ ନେତୃବର୍ଗ ଆହ୍ୱାନ ଦେଇଥିଲେ ।

### ବାଲ୍ୟବିବାହ ବନ୍ଦ କଲା ପ୍ରଶାସନ

**ଲୋଇସିଂହା, ୫।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ପିପିଲିପାଲି ଗାଁରେ ହେବାକୁ ଥିବା ବାଲ୍ୟ ବିବାହକୁ ସୋମବାର ପ୍ରଶାସନ ରୋକିଛି । ଉକ୍ତ ନାବାଳିକାଙ୍କ ବିବାହ ବଲାଙ୍ଗୀର ନିରବଚନରେ ସ୍ଥିର ହୋଇଥିଲା। ବିବାହ ଆସନ୍ତା ୮ ତାରିଖରେ ବିବାହ ହୋଇଥାନ୍ତା। ଏ ନେଇ ବଲାଙ୍ଗୀର ଚାଇଲ୍ଡଲାଇନକୁ ସୂଚନା ମିଳିଥିଲା । ସୋମବାର ବାଲ୍ୟ ବିବାହ ନିଷେଧ ଅଧିକାରୀ ପ୍ରଜ୍ଞାରାଣୀ ବାରିକ, ମହିଳା ପର୍ଯ୍ୟବେକ୍ଷିକା ଲକ୍ଷ୍ମୀ ପଧାନ, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନ, ପିଇଓ ପ୍ରହ୍ଲାଦ ବେହେରା, ଚାଇଲ୍ଡଲାଇନର ସଦସ୍ୟ ପରେଶ ସୁନା, ଅଙ୍ଗନବାଡି କର୍ମୀ ସୁରେଖା ସୁନା, ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ଓ ଲୋଇସିଂହା ପୋଲିସ ଷ୍ଟାଫ ନାବାଳିକାଙ୍କ ଘରକୁ ଯାଇଥିଲେ। ନାବାଳିକାଙ୍କ ଅଭିଭାବକଙ୍କୁ ବାଲ୍ୟ ବିବାହ ନିଷେଧ ଆଇନ ସମ୍ପର୍କରେ ବୁଝାସୁଝା କରିଥିଲେ । ଏହାପରେ ନାବାଳିକାଙ୍କ ପରିବାରବର୍ଗ ବିବାହ ବନ୍ଦ କରିବାକୁ ରାଜି ହୋଇଥିବା ସିଡିପିଓ ବାରିକ ଓ ସ୍ଥାନୀୟ ସରପଞ୍ଚ ପଧାନ କହିଛନ୍ତି।

# ବାଲି ଉତ୍ତୋଳନ ରାମେଶ୍ୱର ପ୍ରତି ବିପଦ

ସୋନପୁର,୫।୪(ନି.ପ୍ର.)

ସୁବର୍ଣ୍ଣପୁର ସହରର ମହାନଦୀ ଓ ତେଲ ନଦୀର ସଙ୍ଗମସ୍ଥଳ ରାମେଶ୍ୱର ଏକ ପର୍ଯ୍ୟଟନସ୍ଥଳ। କିନ୍ତୁ କିଛି ମାସ ହେବ ନଦୀରୁ ବାଲି ଉତ୍ତୋଳନ ରାମେଶ୍ୱର ଶୈବପୀଠ ପ୍ରତି ବିପଦ ସୃଷ୍ଟି କରିଛି। ସରକାରୀ ଭାବେ ବାଲି ଉତ୍ସ ନିଲାମ ହୋଇନି। ହେଲେ ଦୈନିକ ଶତାଧିକ ଟ୍ରିପ୍ ବାଲି ଚୋରାଚାଲାଣ ହେଉଛି। ଛୁଟି ଦିନମାନଙ୍କରେ ମେଶିନ ଦ୍ୱାରା ଅଧିକ ପରିମାଣରେ ବାଲି ଉତ୍ତୋଳନ ହେଉଛି। ସରକାର ଦୁର୍ନୀତି ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଏହି ଘଟଣାରେ କିନ୍ତୁ ଚୋରାଚାଲାଣକାରୀଙ୍କୁ ପ୍ରଶାସନିକ ଅଧିକାରୀ ଘଣ୍ଟ ଘୋଡାଉ ଥିବା ଅଭିଯୋଗ ହେଉଛି। ଗୋଟିଏ ପଟେ ସଙ୍ଗମସ୍ଥଳ ତଥା ପୀଠର ସୁରକ୍ଷା ପାଇଁ ଜଳସେଚନ ବିଭାଗ ପ୍ରାୟ କୋଟିଏ ଟଙ୍କା ଖର୍ଚ୍ଚ କରି ନଦୀପାର୍ଶ୍ୱ କଂକ୍ରିଟ୍ ୱାଲ ଓ ପାହାଚ ନିର୍ମାଣ କରୁଛି। ଅନ୍ୟପକ୍ଷେ ବାଲି ଉତ୍ତୋଳନ ଦ୍ୱାରା ନଦୀକୂଳକୁ ଦୁର୍ବଳ କରାଯାଉଛି। ଜିଲାପାଳ ମୋନିଷା ବାନାର୍ଜୀ ଏନ୍‌ଫୋର୍ସମେଣ୍ଟ କଡାକଡି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଚୋରା ବାଲି ଉତ୍ତୋଳନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୋନପୁର ତହସିଲଦାର ନବୀନ ପାଢୀଙ୍କୁ କହିଛନ୍ତି ।


ତେଲନଦୀ ସଙ୍ଗମ ସ୍ଥଳରୁ ବାଲି ଚୋରାଚାଲାଣ ହେଉଛି।

**କାର୍ଯ୍ୟାନୁଷ୍ଠାନ ହେବ : ଜିଲାପାଳ**

### ବାର୍‌ହାର ଗଳିତ ମୃତଦେହ ଜବତ

**ବିନିକା, ୫।୪(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ରେଞ୍ଜ ଅଧୀନ ଜାମପାଲି ଗ୍ରାମ୍ୟ ଜଙ୍ଗଲ ନିକଟବର୍ତ୍ତୀ ଏକ ରାଇସ୍ ମିଲ୍ ପାଚେରି ପଛପଟେ ଏକ ବାର୍‌ହାର ଗଳିତ ମୃତଦେହ ପଡିଥିବା ସୋମବାର ସକାଳେ ଦେଖିବାକୁ ମିଳିଥିଲା। ୧୦ରୁ ୧୨ଦିନ ପୂର୍ବରୁ ଶିକାର ଉଦ୍ଦେଶ୍ୟରେ ବାର୍‌ହାକୁ ଫାଶରେ ପକାଯାଇଥିବା ଅନୁମାନ କରାଯାଉଛି। ବାର୍‌ହା ବେକରେ ଫଶ ଲାଗି ରହିଥିବା ଦେଖାଯାଇଛି। ଏତେଦିନ ବିତି ଯାଇଥିଲେ ବି ବନ ବିଭାଗ ନିକଟରେ କୌଣସି ଖବର ନାହିଁ। ଏ ନେଇ ବିନିକା ରେଞ୍ଜର ପ୍ରେମରାଜ ଧରୁଆଙ୍କୁ ପଚାରିବାରୁ ଜଙ୍ଗଲରେ ନିଆଁ ଲାଗୁଥିବାରୁ କର୍ମଚାରୀମାନେ ବ୍ୟସ୍ତ ରହୁଛନ୍ତି। ତେବେ ଏହାର ବିଧିବଦ୍ଧ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ବାର୍‌ହା ସମେତ ବନ୍ୟଜନ୍ତୁଙ୍କୁ ଫାଶ ପକାଇ ଶିକାରୀମାନେ ଅବାଧରେ ଶିକାର କରୁଥିଇବା ବେଳେ ବନ ବିଭାଗ ନୀରବଦ୍ରଷ୍ଟା ସାଜିଥିବା ଜାମପାଲି ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟି କୋଷାଧ୍ୟକ୍ଷ ଉମେଶ ନାୟକ ଅଭିଯୋଗ କରିଛନ୍ତି।

### ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ମାମଲା: ଆଉ ଜଣେ ଗିରଫ

**ଲୋଇସିଂହା, ୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବାଞ୍ଜିପାଲି ଗାଁ ପୋଖରୀରେ ଗାଧୋଇବାକୁ ନେଇ ସବର୍ଣ୍ଣ-ଅସବର୍ଣ୍ଣଙ୍କ ମଧ୍ୟରେ ବିବାଦ ଲାଗି ରହିଛି । ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତି କରି ଥାନାରେ ପୃଥକ ୨ଟି ମାମଲା ରୁଜୁ ହୋଇଛି। ଏହି ଘଟଣାରେ ସବର୍ଣ୍ଣ ଗୋଷ୍ଠୀର ଟିକେନ ସାହୁଙ୍କୁ ଲୋଇସିଂହା ପୋଲିସ ରବିବାର ସନ୍ଧ୍ୟାରେ ଗିରଫ କରିଥିଲା। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ଲଳିତା ଲାକ୍ରା କହିଛନ୍ତି। ଅପରପକ୍ଷେ ଘଟଣା ପରଠାରୁ ଏସଆଇ ନବୀନ ଭୋଇଙ୍କ ନେତୃତ୍ୱରେ ଗାଁରେ ୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛନ୍ତି। ସବର୍ଣ୍ଣ ବସ୍ତିରୁ ଜଣେ ଗିରଫ ପରେ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ସକାଳେ ସବର୍ଣ୍ଣ ବସ୍ତିର କେତେକ ଲୋକ ଥାନାକୁ ଯାଇ ଏକତରଫା ଗିରଫକୁ ବିରୋଧ କରିଥିଲେ। ପ୍ରକାଶ ଯେ, ମାର୍ଚ୍ଚ ୨୯ତାରିଖରେ ଏହି ବିବାଦ ଦେଖାଦେବା ପରେ ସବର୍ଣ୍ଣ ଗୋଷ୍ଠୀର ୫ ଓ ଅସବର୍ଣ୍ଣ ଗୋଷ୍ଠୀର ୧୩ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି।

# ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ବୈଠକ

ବଲାଙ୍ଗୀର ଅଫିସ, ୫।୪

ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ଏକ ବୈଠକ ସଭାପତି ବିନୋଦ କୁମାର ମିଶ୍ରଙ୍କ ସଭାପତିତ୍ୱରେ ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୨୦୧୫ ନଭେମ୍ବରରେ ରାଜ୍ୟର ୩୭୬୦ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଚାକିରିରୁ ଛଟେଇ କରାଯାଇଥିଲା। ଏଥିରେ ବଲାଙ୍ଗୀର ଜିଲାର ୬୬ ଶିକ୍ଷକ ରହିଥିଲେ। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ପ୍ରତିବାଦ କରାଯାଇ ଆନ୍ଦୋଳନ କରାଯାଇଥିଲା। ଫଳରେ ୨୦୧୬ ଏପ୍ରିଲରେ ଛଟେଇ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୁନଃନିଯୁକ୍ତି ପ୍ରତିବଦଳରେ ରାଜ୍ୟ ସରକାର ନୂତନ ନିଯୁକ୍ତି ପ୍ରଦାନ କରିଥିଲେ। ସରକାରଙ୍କ ଏଭଳି ନିଷ୍ପତ୍ତି ଫଳରେ ସେମାନେ ୧୦ମାସର ଚାକିରି ବରିଷ୍ଠତା ହରାଇଥିଲେ ଏବଂ ୧୦ମାସ ଅଧିକ ସମୟ ଚୁକ୍ତିଭିତ୍ତିକ ଚାକିରିରେ ରହିବାକୁ ବାଧ ହୋଇଥିଲେ। ଏହି ପୂର୍ବ ଅବଧିକୁ ଚାକିରିରେ ଯୋଗ କରିବା ପାଇଁ ସଂଘ ତରଫରୁ ଦାବି କରାଯାଇଛି । ଏହାର ପ୍ରତିବାଦରେ ସଂଘ ଉଚ୍ଚତମ ନ୍ୟାୟାଳୟ ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଛି। ଏହି ବୈଠକରେ ୨୦୨୦ ମସିହାରେ ନିଯୁକ୍ତି ପାଇଥିବା ବଲାଙ୍ଗୀର ଜିଲା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସ୍ୱାଗତ କରାଯାଇଥିଲା। ବୈଠକରେ ସଂଘ ଉପସଭାପତି ସୁଧାଂଶୁ ଶେଖର ବାରିକ, ଯୁଗ୍ମ ସମ୍ପାଦକ ଭଗବାନ ବେହେରା, ଯୁଗ୍ମ କୋଷାଧ୍ୟକ୍ଷଭାବେ ଗାୟତ୍ରୀ ବାରିକଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ବୈଠକରେ ସାଧାରଣ ସମ୍ପାଦକ ଅରବିନ୍ଦ କୁମ୍ଭାର, ନରେଶ ଦ୍ୱାରୀ, ସନାତନ ପୁରୋହିତ, ରଞ୍ଜିତ ମିଶ୍ର, ରାମନାରାୟଣ ଦାଶ, ଅଶ୍ୱିନୀ ଷଡ଼ଙ୍ଗୀ, ବୀର କିଶୋର ସୁନା ପ୍ରମୁଖ ଯୋଗ ଦେଇଥିଲେ।


ବୈଠକରେ ଯୋଗଦେଇଥିବା ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକ ସଂଘ ସଦସ୍ୟମାନେ।

# କଳାପଥର କଲେଜରେ ପଶ୍ଚିମ ଓଡ଼ିଶା ଖୋଖୋ ବିକାଶ ବୈଠକ

ଅମରପାଲି, ୫।୪ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ କଳାପଥର ସତ୍ୟବାଦୀ ଜୁନିୟର କଲେଜରେ ପଶ୍ଚିମ ଓଡ଼ିଶା ୭ମ ବ୍ଲକ ଖୋଖୋ ବିକାଶ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ତରଭା ବ୍ଲକ ପଟାପାଲି ହାଇସ୍କୁଲ ଖେଳ ଶିକ୍ଷକ ଶତ୍ରୁଘ୍ନ କର୍ମୀ ମଞ୍ଚ ପରିଚାଳନା କରିଥିଲେ। ରାଜ୍ୟ ସମ୍ପାଦକ ସରୋଜ ଚନ୍ଦ୍ର ବିଶ୍ୱାଳ ଓ ଜାତୀୟସ୍ତରର ରେଫରି ବଡି ଚେୟାରମ୍ୟାନ ବିଜୟାନନ୍ଦ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ପଶ୍ଚିମ ଓଡ଼ିଶାରେ ଖୋଖୋ ଖେଳର ବିକାଶ ଏବଂ ଏହି ଅଞ୍ଚଳର ଖେଳାଳି କିଭଳି ରାଜ୍ୟ ଓ ଜାତୀୟସ୍ତରରେ ସଫଳତା ପାଇବେ ସେ ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ଼, ବୌଦ୍ଧ, ଅନୁଗୋଳ, କଳାହାଣ୍ଡି ଆଦି ଜିଲା ସଭାପତି ଓ ସମ୍ପାଦକ ଯୋଗଦେଇଥିଲେ। ଶେଷରେ ଉଲୁଣ୍ଡା ପଞ୍ଚାୟତ ସମିତି ଡିଗ୍ରୀ କଲେଜର ପୂର୍ବତନ ଅଧ୍ୟକ୍ଷ ଦୁର୍ବାଶା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



କଳାପଥର କଲେଜରେ ଅନୁଷ୍ଠିତ ଖୋଖୋ ବିକାଶ ବୈଠକରେ ମଞ୍ଚାସୀନ ଅତିଥି ।

# ପାନୀୟ ଜଳ ଦାବିରେ ଟିଟିଲାଗଡ଼ ବନ୍ଦ

ଟିଟିଲାଗଡ଼, ୫।୪(ଡି.ଏନ.ଏ.)

ସମ୍ପ୍ରତି ଟିଟିଲାଗଡ ସହର ୪୦ଡିଗ୍ରୀ ତାତିରେ ସିଝୁଥିବା ବେଳେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ସହରର ବିଭିନ୍ନ ସାହିବସ୍ତିରେ ୭/୮ ଦିନରେ ଥରେ ପାଇପ ଜଳଯୋଗାଣ ହେଉଛି। ଏହାର ପ୍ରତିବାଦ କରି ସହରରେ ସୋମବାର ବନ୍ଦ ପାଳନ କରାଯାଇଥିଲା। ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ ଡାକରା ନେଇ ସହରରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଦଳୀୟ ନେତାମାନେ ପିକେଟିଂ କରି ସହରର ସମସ୍ତ ବ୍ୟାଙ୍କ ପ୍ରତିଷ୍ଠାନ, ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ତେବେ ଗ୍ରୀଷ୍ମ ପ୍ରବାହକୁ ଆଖିଆଗରେ ରଖି ଯାତ୍ରୀ ସେବା ଓ ଜରୁରିକାଳୀନ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଥିଲା। ଯୁବମୋର୍ଚ୍ଚା ରାଜ୍ୟ ପରିଷଦ ସଦସ୍ୟ ନରସିଂ ସିଂଙ୍କ ନେତୃତ୍ୱରେ ସକାଳୁ ଏକ ବାଇକ ଶୋଭାଯାତ୍ରା ବାହାରି ଥିଲା। ବଲାଙ୍ଗୀର ଏମ୍‌ପିଙ୍କ ନଗର ପ୍ରତିନିଧି ମୁକେଶ ଜୈନ, ଜିଲା ଉପସଭାପତି ରାକେଶ ମିଶ୍ର, ସାଧାରଣ ସମ୍ପାଦକ ଅମିତ ସିଂ ନିନା, ଜିଲା ପରିଷଦ ସଭ୍ୟ ଦିଲୀପ ଖର୍ସେଲ, ଜିଲା ସମ୍ପାଦକ ଅଶୋକ ମିଶ୍ର, ଜିଲା ଯୁବ ଉପସଭାପତି ପବିତ୍ର ସାହୁ ପ୍ରମୁଖ ବନ୍ଦରେ ସାମିଲ ହୋଇଥିଲେ। ଭାଜପା ନେତା ଓ କର୍ମୀ ସହରରେ ଶୋଭାଯାତ୍ରା କରିବା ବେଳେ ବିଭିନ୍ନ ୱାର୍ଡରେ ମହିଳାମାନେ ଗରା, ବାଲଟି ଧରି ରାସ୍ତାରୋକୋ କରିଥିଲେ। ପରେ ସ୍ଥାନୀୟ ପୌର କାର୍ଯ୍ୟାଳୟରେ ଉପଜିଲାପାଳ ସୋମେଶ ଉପାଧ୍ୟାୟଙ୍କୁ ଭାଜପା ନେତୃବୃନ୍ଦ ସାକ୍ଷାତ ସହ ପାନୀୟ ଜଳ ସମସ୍ୟାର ତୁରନ୍ତ ନିରାକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପାନୀୟ ଜଳ ସମସ୍ୟାର ତୁରନ୍ତ ନିରାକରଣ ପାଇଁ ପ୍ରଶାସନ କୌଣସି ପଦକ୍ଷପ ଗ୍ରହଣ ନକଲେ ଆଗାମୀ ଦିନରେ ଦଳ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଚେତାବନୀ ଦିଆଯାଇଛି।



ଗରା, ବାଲଟି ରଖି ଲୋକେ ରାସ୍ତାରୋକୋ କରିଛନ୍ତି।

## ଚୁନି ବେକରେ ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

ବେଦବ୍ୟାସ,(ଡି.ଏନ.ଏ): ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡିର ଜଡାକୁଦର ଗ୍ରାମର ଜଣେ ଯୁବତୀ ବେକରେ ଚୁନି ଲଗାଇ ରବିବାର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୋମବାର ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଛି । ରବିବାର ସକାଳ ୫ଟା ବେଳେ ଘରେ କେହି ନଥିବା ସୁଯୋଗ ନେଇ ମନିଷା ହରୋ (୨୧) ଚୁନି ବେକରେ ଲଗାଇ ଆତ୍ମହତ୍ୟା କରିଥିଲେ। ଘର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆରଜିଏଚକୁ ନେଇଥିଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟାର କାରଣ ଜଣାପଡି ନାହିଁ । ଏନେଇ ପୋଲିସ ଘର ଲୋକଙ୍କୁ ପଚରାଉଚୁରା କରିବା ସହ ତଦନ୍ତ ଚଳାଇଛି।

### ସଂକ୍ଷେପରେ

## ଯାତ୍ରୀବାହୀ ବସ୍ ଧକ୍କାରେ ବାଇକ୍ ଚାଳକ ମୃତ

କୁଆଁରମୁଣ୍ଡା,୫।୪(ଡି.ଏନ.ଏ):ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ଦେଓକରଣ ଦଫେଇ ବୁଲାଣି ନିକଟରେ ସୋମବାର ରାତି ପ୍ରାୟ ୭ଟାରେ ଏକ ଯାତ୍ରୀବାହୀ ବସ୍ ଓଡି୧୪ପି ୬୧୮୬ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଯାଇଛି। ବସଟିର ଚକା ବାଇକ ଆରୋହୀଙ୍କ ମୁଣ୍ଡ ଉପରେ ଚଢି ଯାଇଥିବାରୁ ତାଙ୍କର ପରିଚୟ ମିଳିପାରିନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ବସଟିକୁ ଫାଣ୍ଡିରେ ଅଟକ ରଖିଛି। ବସ୍ ରାଏବୋଗା ପଟରୁ ବୀରମିତ୍ରପୁର ପାର୍ଶ୍ୱକୁ ଦ୍ରୁତ ଗତିରେ ଆସୁଥିବା ବେଳେ ବାଇକ୍ ଚାଳକ ବୀରମିତ୍ରପୁରରୁ ରାଏବୋଗା ପାର୍ଶ୍ୱକୁ ଯାଉଥିଲେ ବୋଲି ଜଣାପଡ଼ିଛି। ଏ ନେଇ ଅଧିକ ତଦନ୍ତ ଚାଲିଥିବା ବୀରମିତ୍ରପୁର ଥାନା ଏସଆଇ ଦିପ୍ତୀରଞ୍ଜନ ସାହୁ ସୂଚନା ଦେଇଛନ୍ତି।

## ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

ବଡ଼ଗାଁ, ୫।୪ (ଡି.ଏନ.ଏ): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ସମେତ ଜିଲାର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ସାମଗ୍ରୀ ପୋଲିସ ଜବତ କରିଛି। ସୋଲାର ପେନଲ, ପ୍ରିଣ୍ଟର, ଜେରକ୍ସ, ବ୍ୟାଟେରୀ, ପାଣିପମ୍ପ, ମ୍ୟାଜିକ ସିଷ୍ଟମ୍ ପୋଲିସ ଉଦ୍ଧାର କରି ଘଟଣାରେ ସମ୍ପୃକ୍ତ ମୁଣ୍ଡାଗାଁର (ମଣ୍ଟୁ) ଚିତ୍ତରଞ୍ଜନ ମଗର (୨୬)କୁ ପୋଲିସ ଗିରଫ କରିଛି। ୧୮ଟି ପେନଲ୍ ସାହାଜବାହାଲ ବିଏସ୍ଏନ୍ଏଲ୍ ଟାୱାରରୁ ଚୋରି କରିଥିଲେ । ଚୋରିରେ ସମ୍ପୃକ୍ତ ୨ଜଣ ଫେରାର ଅଛନ୍ତି । ୨୦୨୦ ଥାନା କେଶ ନଂ. ୧୮୫ ଓ କେଶ ନଂ. ୬୧ରେ ମାମଲା ରୁଜୁ ହୋଇଛି ।

## ଥାନା ଭିତରେ ମହିଳା କନଷ୍ଟେବଲଙ୍କୁ ମାଡ଼

ଲହୁଣୀପଡା, ୫।୪ (ଡି.ଏନ.ଏ): ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନାରେ ପଶି କାର୍ଯ୍ୟରତ ମହିଳା କନଷ୍ଟେବଲଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ ମାରିବା ଘଟଣାରେ ପୋଲିସ ତିନି ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଚାନ୍ଦିପୋଷ ପୋଲିସ ତରଫରୁ ଶନିବାର ଗାଡି ଚେକିଂ ଚାଲୁଥିବା ବେଳେ ମୂଷାବିରା ଗ୍ରାମର ରାଜେଶ ତିର୍କି ଏକ ବାଇକରେ ଯାଉଥିବା ଦେଖି ପୋଲିସ ଅଟକାଇ କାଗଜପତ୍ର ଯାଞ୍ଚ ପାଇଁ ମାଗିବାରୁ ସେ କାଗଜପତ୍ର ଆଣିବା ପାଇଁ କହି ଗାଡିକୁ ଛାଡିଦେଇ ଚାଲି ଯାଇଥିଲେ। ତାପର ଦିନ ପ୍ରାୟ ୧୧ଟା ପରେ ଚାନ୍ଦିପୋଷ ଗ୍ରାମର ମହିଳା ବିରାଙ୍ଗ ଓରାମ (୪୧) ଏବଂ ଅନ୍ୟ ଜଣଙ୍କ ସହ ରାଜେଶ ଚାନ୍ଦିପୋଷ ଥାନାକୁ ଆସିଥିଲେ। ଥାନରେ ସେଣ୍ଟ୍ରି ଡ୍ୟୁଟି କରୁଥିବା ମହିଳା କନଷ୍ଟେବଲ ସୁବତୀ ସାହୁଙ୍କୁ ଗାଡ଼ିମାଗି ଗାଳିଗୁଲଜ କରିବା ସହିତ ଲୁହା ଛଡରେ ପିଟିଥିଲେ। ମହିଳା କନଷ୍ଟେବଲ ଜଣଙ୍କ ପାଟି କରିଥିଲେ । ଫଳରେ ଥାନାର ଅନ୍ୟ ପୋଲିସମାନେ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିବା ସହିତ ବିରାଙ୍ଗ, ରାଜେଶ ଓ ଅନ୍ୟ ଜଣଙ୍କୁ ଗିରଫ କରିଥିଲେ।

# ସୁନ୍ଦରଗଡ଼ରେ 'ସ୍କୁଲ ଟ୍ରାନ୍ସଫର୍ମେସନ' କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୫।୪ (ଡି.ଏନ୍.ଏ)

ରାଜ୍ୟ ସରକାରଙ୍କ '୫-ଟି' ଓ 'ମୋ ସରକାର' ଅଭିଯାନ ଅଧୀନରେ ସୁନ୍ଦରଗଡ଼ରେ 'ହାଇସ୍କୁଲ ଟ୍ରାନ୍ସଫର୍ମେସନ' କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ଜିଲାରେ ଥିବା ସରକାରୀ ହାଇସ୍କୁଲଗୁଡ଼ିକର ଭିତ୍ତିଭୂମି ଓ ଶୈକ୍ଷିକ ପରିବେଶରେ ବିଶେଷ ଉନ୍ନତି ପାଇଁ ଖସଡ଼ା ପ୍ରସ୍ତୁତ କରାଯାଉଛି। ଏହା ଫଳରେ ସ୍କୁଲର ପରିବେଶକୁ ଆକର୍ଷଣୀୟ କରାଯିବା ସହ ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହନ ମିଳିବ। ଏନେଇ ସୋମବାର ସ୍ଥାନୀୟ ବିକାଶ ଭବନରେ ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। 'ହାଇସ୍କୁଲ ଟ୍ରାନ୍ସଫର୍ମେସନ' କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଏଥିରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ



'ହାଇସ୍କୁଲ ଟ୍ରାନ୍ସଫର୍ମେସନ' କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ବିଭିନ୍ନ ସ୍କୁଲର ପ୍ରଧାନଶିକ୍ଷକ।

ଭୈରବ ସିଂ ପଟେଲ, ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ବିଭିନ୍ନ ବ୍ଲକର ବିଡିଓ, ଜିଲାର ବିଭିନ୍ନ ସ୍ଥାନରେ ଥିବା ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଦସ୍ୟ, ସ୍ଥାନୀୟ ସରପଞ୍ଚମାନେ ଯୋଗ ଦେଇଥିଲେ। ରାଜ୍ୟରେ ଥିବା ସରକାରୀ ହାଇସ୍କୁଲଗୁଡ଼ିକର ଉନ୍ନତିକରଣ ସହ ସ୍କୁଲ ପରିବେଶକୁ ସମ୍ପୂର୍ଣ୍ଣ ନୂଆ ରୂପ ଦେବା ପାଇଁ '୫-ଟି' ଅଧୀନରେ ରାଜ୍ୟ ସରକାର ବିଶେଷ ଅଭିଯାନ ଆରମ୍ଭ କରିଛନ୍ତି। ଜିଲାରେ ଥିବା ସମସ୍ତ ସରକାରୀ ହାଇସ୍କୁଲକୁ ଏହି ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ କରାଯିବ। ସ୍କୁଲ ପାଇଁ ଆବଶ୍ୟକ ଭିତ୍ତିଭୂମିକୁ ସୁନିଶ୍ଚିତ କରିବା ସହ ଶିକ୍ଷାନୁଷ୍ଠାନ କିପରି ଛାତ୍ରୀଛାତ୍ରଙ୍କ ପାଇଁ ଅଧିକ ଆକର୍ଷଣୀୟ ହୋଇପାରିବ, ତା' ଉପରେ ଗୁରୁତ୍ୱ ଦିଆଯାଉଛି।

### ଜିଲାରେ ସମସ୍ତ ସରକାରୀ ହାଇସ୍କୁଲକୁ ନୂଆ ରୂପ ଦେବାକୁ ଯୋଜନା

ତେଣୁ ସ୍ମାର୍ଟ କ୍ଲାସରୁମରେ ପାଠପଢ଼ା ସହ ଇ-ଲାଇବ୍ରେରି, ବିଜ୍ଞାନାଗାର, ଖେଳପଡ଼ିଆ, ପାନୀୟ ଜଳ ଏବଂ ସ୍ୱଚ୍ଛ ଶୌଚାଳୟ ଆଦି ବିଷୟ ଲାଗି ପ୍ରାଥମିକତା ଦିଆଯାଉଛି। ଦୁଇ ବର୍ଷ ଭିତରେ ଏହା ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ଜିଲାପାଳ ନିଖିଳ ପବନ କଲ୍ୟାଣ ବୈଠକରେ ଆଲୋଚନା ବେଳେ କହିଥିଲେ। ଜିଲାଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ) ଏବଂ ଓମ୍ବାଡ୍ସି ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୪୦ଟି ସ୍କୁଲର ରୂପାନ୍ତରଣ କାର୍ଯ୍ୟହାତକୁ ନେଇଛି ସୁନ୍ଦରଗଡ଼ ଜିଲା ପ୍ରଶାସନ। ସେପ୍ଟେମ୍ବର ସୁଦ୍ଧା ଏହି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ବିଭିନ୍ନ ଦାବିକୁ ନେଇ ଡିବିସିଏଲ୍ କାରଖାନା ରେଳଫାଟକ ବନ୍ଦ

ରାଜଗାଙ୍ଗପୁର, ୫।୪ (ଡି.ଏନ.ଏ)

ପୂର୍ବତନ ନଗରପାଳ ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ବିଭିନ୍ନ ଦାବିକୁ ନେଇ ଡାଲମିଆ ଭାରତ ସିମେଣ୍ଟ ଲିମିଟେଡର ରେଳ ଫାଟକକୁ ସକାଳ ପ୍ରାୟ ସାଢ଼େ ୯ଟା ସମୟରୁ ବନ୍ଦ କରି ଦିଆଯାଇଥିଲା । ଫଳରେ କାରଖାନାର ରେଳ ପରିବହନ ବାଧାପ୍ରାପ୍ତ ହୋଇଥିଲା । ଏମାନଙ୍କ କହିବା ଅନୁଯାୟୀ ରାଜଗାଙ୍ଗପୁରରେ ଉକ୍ତ କମ୍ପାନୀ ରାଜଗାଙ୍ଗପୁରରେ ଥାଇ ସ୍ଥାନୀୟ ଲୋକଙ୍କ ପାଇଁ କୌଣସି ସୁବିଧା ସୁଯୋଗ ଦେଉନାହିଁ । ଡାଲମିଆ ବିଦ୍ୟାମନ୍ଦିରରେ ପାଠ ପଢୁଥିବା ବିଦ୍ୟାର୍ଥୀଙ୍କ ପାଇଁ କୌଣସି ଫିରେ କୋହଳ ନାହିଁ। କମ୍ପାନୀରୁ ବାହାରୁଥିବା ଦୁର୍ଗନ୍ଧ ପାଇଁ ଅଞ୍ଚଳବାସୀ ଅସ୍ତବ୍ୟସ୍ତ ହେଉଛନ୍ତି। ରାସ୍ତାଘାଟ କିଛି ତିଆରି ହେଉନାହିଁ। କମ୍ପାନୀରେ ସ୍ଥାନୀୟ ନିଯୁକ୍ତି ଦିଆଯାଉ ନାହିଁ। ପୌରାଞ୍ଚଳର ୨ଟି ସ୍ଥାନରେ ରେଳ ଧାରଣା ରହି



ଲୋକେ ଧାରଣାରେ ବସିଛନ୍ତି।

କମ୍ପାନୀର ରେଳ ଚଳାଚଳ କରିବା ଦ୍ୱାରା ସାଧାରଣ ଜନତା ନାହିଁ ନ ଥିବା ଅସୁବିଧା ଭୋଗ କରୁଥିବା ସତ୍ତ୍ୱେ ମଧ ଉକ୍ତ କମ୍ପାନୀ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଫ୍ଲାଇଓଭର ତିଆରି କରୁନାହିଁ। ଏହି ସବୁ ଦାବି ସମସ୍ୟାର ସମାଧାନ ଦାବିରେ ଧାରଣାରେ ବସିଥିଲା ବେଳେ ସ୍ଥାନୀୟ ଅତିରିକ୍ତ ତହସିଲଦାର ମନୋରଞ୍ଜନ ନାଏକ ଓ ରାଜଗାଙ୍ଗପୁର ଥାନାଧିକାରୀ ଗୋକୁଳାନନ୍ଦ ସାହୁ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ ବିଷୟ ବୁଝିଥିଲେ। ଶେଷରେ ଉପଜିଲାପାଳ ଅଭିମନ୍ୟୁ ବେହେରା ଉକ୍ତ ଦାବିଗୁଡିକ ଉପରେ ବିସ୍ତୃତ ଭାବେ ଚର୍ଚ୍ଚା କରି ଏହାର ସମାଧାନ କରାଯିବାର ଆଶ୍ୱସନା ଦେଲାପରେ ଦିନ ସାଢ଼େ ୨ଟାରେ ଧାରଣା ବସିଥିବା ଲୋକେ ଉଠିଥିଲେ । ଏଥିରେ ମୁଖ୍ୟତଃ କୁଳଦୀପ ସିଂ, ରାକେଶ ନନ୍ଦା, ଇନ୍ଦ୍ରଜିତ ସିଂ ଓ ଅନ୍ୟମାନେ ରହିଥିଲେ ।

# କଂଗ୍ରେସର ଗଣଧାରଣା, ବିକ୍ଷୋଭ

ସୁନ୍ଦରଗଡ଼,୫।୪ (ଡି.ଏନ୍.ଏ)

ପ୍ରଦେଶ କଂଗ୍ରେସ କମିଟିର ନିଷ୍ପତ୍ତି କ୍ରମେ ସୁନ୍ଦରଗଡ ଜିଲା କଂଗ୍ରେସ କମିଟି ତରଫରୁ ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର ଦାବିରେ ସୋମବାର ସ୍ଥାନୀୟ ଟିପି ଓଡକ୍ସିଡିଏଲ୍ ବିଦ୍ୟୁତ୍ ସବଡିଭିଜନ ଅଫିସ ଆଗରେ ଗଣଧାରଣା ଦିଆଯାଇଥିଲା। ଗତ ୭ମାସ ମଧ୍ୟରେ ୨ଥରରେ ୫୦ପଇସା ଦରବୃଦ୍ଧି କରାଯାଇଛି ବୋଲି ଉପସ୍ଥିତ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ରାଜକିଶୋର ଷଡଙ୍ଗୀ, ନିମାଇଁ ନାଏକ, ତଳସରା ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ କୁମାର ମାଝି, ରାଜଗାଙ୍ଗପୁର ଟାଉନ୍ ସଭାପତି



କଂଗ୍ରେସ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

### ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର ଦାବି

ଇଫତିକାର ଅହମ୍ମଦ, ସୁନ୍ଦରଗଡ ଟାଉନ ସଭାପତି ନେପାଳଚନ୍ଦ୍ର ସାହୁ, ଅଜିତ ପ୍ରସାଦ, କାଳୀପଦ ସାମଲ, ରାଜ୍ୟ ସେବାଦଳର ମୁନୁ ସରାଫ, ପର୍ଶୁରାମ ସରାଫ୍, ଅଶୋକ ପ୍ରସାଦ, ଯୁବସଭାପତି ବିଶ୍ୱଜିତ ପଟ୍ଟନାୟକ, ପ୍ରଫୁଲ୍ଲ ସୁନାନୀ, ଜିଲା ପରିଷଦ ସଭ୍ୟ ନରେଶ ପ୍ରତାପ ସିଂ, ପ୍ରଣବ ସିଂ, ସତ୍ୟଜିତ ନାଏକ, ଦେବାଶୀଷ ଦାଶ, ରମଣୀ ରଞ୍ଜନ ଯୋଶୀ, ପ୍ରଭାତ ଭୋଳ, ପ୍ରଦୀପ ସିଂ ପ୍ରମୁଖ ଯୋଗଦେଇଥିଲେ। ପରେ ବିଦ୍ୟୁତ୍ ଦରବୃଦ୍ଧି ପ୍ରତ୍ୟାହାର ଦାବିନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା ।

## ବଜରଙ୍ଗ ଟ୍ରେଡର୍ସରେ କାନ୍ଥ ଭୁଶୁଡି ମହିଳା ମୃତ

କୁଆଁରମୁଣ୍ଡା,୫।୪(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ହାତୀବାରି ରୋଡରେ ଥିବା ବଜରଙ୍ଗ ଟ୍ରେଡର୍ସ ନାମକ ଏକ କୋଇଲା ଗୁଳା କାରଖାନାର ଦୁର୍ବଳ କାନ୍ଥ ସୋମବାର ଜଣେ ମହିଳା ଶ୍ରମିକଙ୍କ ଉପରେ ଭୁଶୁଡି ପଡ଼ିଛି। ଫଳରେ ମହିଳା ଶ୍ରମିକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ସେ ହେଲେ କୁଆଁରମୁଣ୍ଡା ପଞ୍ଚାୟତର ତେଲିପୋଷ ଗ୍ରାମ କେନ୍ଦୁପଡ଼ାର ଦୁତୀୟା ମୁଣ୍ଡାରିଏନ୍(୫୦)। ଏହି ଖବର ପ୍ରଚାରିତ ହେବା ପରେ ଉକ୍ତ ମୋଲଡର୍ସର ଉକ୍ତ ବଜରଙ୍ଗ ଟ୍ରେଡର୍ସରେ ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ଭିଡ ଜମିବା ସହ ମୃତ ଶବକୁ ରଖି କ୍ଷତିପୂରଣ ଦାବି କରାଯାଇଥିଲା।ଏହି ସମୟରେ ଉକ୍ତ କାରଖାନାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ କ୍ଷତିପୂରଣ ବାବଦରେ ଉକ୍ତ କାରଖାନା ମୃତକଙ୍କ ପରିବାରକୁ ୫ଲକ୍ଷ ୨୫ ହଜାର ଟଙ୍କା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପୋଲିସ ମୃତଦେହ ଜବତ କରି ଏକ ମାମଲା ରୁଜୁ କରିଛି।

## ଟ୍ରେନରେ କଟି ଯୁବକ ମୃତ

ଲହୁଣୀପଡା, ୫।୪ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ରକ୍ସି ରେଳ ଧାରଣାରେ ଜଣେ ଯୁବକ କଟି ମୃତ୍ୟୁବରଣ କରିଥିବା ଜଣାପଡିଛି। କେବଲାଙ୍ଗ ଥାନା ଅନ୍ତର୍ଗତ ସାନବାଲିଜୋର ଗ୍ରାମର ପ୍ରଭୁ ଦୟାଲ ବାର୍ଲା (୪୦) ଓ ତାର ସ୍ତ୍ରୀ ରକ୍ସିରେ ରହି ରେଳୱେ ସାଇଡିଂରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ରବିବାର ରାତି ପ୍ରାୟ ସାଢ଼େ ୧୧ଟାରେ ପ୍ରଭୁ ଦୟାଲ ବାର୍ଲା ଟ୍ରେନରେ କଟିମୃତ୍ୟୁବରଣ କରିଥିଲେ।

# ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ଅଗ୍ନିକାଣ୍ଡ

ରାଉରକେଲା ଅଫିସ୍, ୫।୪

ରାଉରକେଲା ଇସ୍ପାତ କାରଖାନା ଏସ୍ଏମଏସ -୨ରେ ରବିବାର ବିଳମ୍ବିତ ରାତ୍ରିରେ ଭୟାଭୟ ଅଗ୍ନିକାଣ୍ଡ ଘଟି ପ୍ରାୟ ୧କୋଟିରୁ ଅଧିକ ଟଙ୍କାର ମୂଲ୍ୟବାନ୍ ସମ୍ପତ୍ତି ନଷ୍ଟ ହୋଇଛି। ଏସମ୍ପର୍କରେ ଖବର ପାଇ ଷ୍ଟିଲପ୍ଲାଣ୍ଟ ଦମକଳବାହିନୀ ଅଗ୍ନିକାଣ୍ଡ ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ବହୁପରିମାଣର ସମ୍ପତ୍ତି ନଷ୍ଟହୋଇଛି । ଚାରକୋଲ ସ୍ଥାନାନ୍ତର ବେଳେ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ହେଲେ କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଲା ତାହା ସ୍ପଷ୍ଟଭାବେ ଜଣାପଡି ନ ଥିଲେ ମଧ୍ୟ ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବାର ସନ୍ଦେହ କରାଯାଉଛି। ସୋମବାର ସକାଳେ ରାଉରକେଲା ଇସ୍ପାତ କାରଖାନାର ମୁଖ୍ୟନିର୍ବାହୀ ଅଧିକାରୀ ଦୀପକ ଚଟ୍ଟରାଜ କେଉଁ କାରଣରୁ ଏହି ଅଗ୍ନିକାଣ୍ଡ

### ଜଳିଗଲା ଏସ୍ଏମ୍ଏସ୍-୨ କଣ୍ଟ୍ରୋଲ ରୁମ୍

ଘଟିଲା ତାହାର ତଦନ୍ତ ସକାଶେ ଏକ ୪ଜଣିଆଁ ଟିମ୍ ଗଠନ କରିଛନ୍ତି। ଏହି ଟିମ୍‌ରେ ୪ଜଣ ସିଜିଏମଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ସୌଭାଗ୍ୟ ବଶତଃ ଏହି ଅଗ୍ନିକାଣ୍ଡ ବେଳେ କୌଣସି କର୍ମଚାରୀ ଆହତ ହୋଇନାହାନ୍ତି। ତେବେ ଏହି ଅଗ୍ନିକାଣ୍ଡରେ ଏସଏମ୍ ଏସ -୨ର କଣ୍ଟ୍ରୋଲ ରୁମର କେବୁଲ ସହ ବିଭିନ୍ନ ଯନ୍ତ୍ରପାତି ଜଳି ଯାଇଥିବାରୁ ସେଠାରେ ଉତ୍ପାଦନ ବନ୍ଦ ରହିଛି। ଏସ୍ଏମଏସ -୨ ସ୍ଲାଗ ପଟରୁ ଉତ୍ତପ୍ତ ତରଳ ଲୁହା ଚାରିଆଡେ ବିଛାଡି ହୋଇପଡିବାରୁ ଉକ୍ତ ବିଭାଗର କଣ୍ଟ୍ରୋଲ ରୁମ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ଶୀଘ୍ର ସ୍ଥିତି ସ୍ୱାଭାବିକ କରିବାକୁ ଉଦ୍ୟମ କରାଯାଉଛି ବୋଲି କାରଖାନା କର୍ତ୍ତୃପକ୍ଷ କହିଛନ୍ତି।

# ଜୁଆଆଡ୍ଡା ଉପରେ ଚଢ଼ାଉ, ୧୮ ଗିରଫ



ଜବତ କାର୍, ବାଇକ୍ ଓ ଅନ୍ୟ ସାମଗ୍ରୀ।

ସୁନ୍ଦରଗଡ, ୫।୪ (ଡି.ଏନ୍.ଏ)

ସୁନ୍ଦରଗଡ ଜିଲା ହେମଗିର ଥାନା କନିକାର ଏକଫାର୍ମ ହାଉସ୍‌ରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ଗତ ବିଳମ୍ବିତ ରାତ୍ରିରେ ଚଢାଉ କରି ୧୮ଜଣଙ୍କୁ ଗିରଫ କରିଛି । ପୋଲିସ ଏହି ଚଢାଉ ବେଳେ ସେମାନଙ୍କ ନିକଟରୁ ୧ଲକ୍ଷ ୬୭ହଜାର ଟଙ୍କା, ଗୋଟିଏ କାର୍, ୧୦ଟି ବାଇକ୍, ୧୪ଟି ମୋବାଇଲ ଫୋନ୍ ଓ ତାସପୁଡିଆ ଆଦି ଜବତ କରିଛି। ଏହି ଜୁଆଆଡ୍ଡା ସମ୍ପର୍କରେ ସୂଚନା ପାଇ ସୁନ୍ଦରଗଡ ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ହେମଗିର ଥାନା ଆଇଆଇସି ରମାକାନ୍ତ ସାଏଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଜୁଆଖେଳ ଚାଲିଥିବା କନିକାର ଏକ ଫାର୍ମ ହାଉସରେ ଚଢାଉ କରିଥିଲା। ଗିରଫ ବ୍ୟକ୍ତିମାନେ ହେଲେ ଝାରସୁଗୁଡା ଜିଲାର ବ୍ରଜରାଜନଗର, ବେଲପାହାଡ, ମନ୍ଦଲିଆ, ଓରିଏଣ୍ଟ କଲୋନୀ ଏବଂ ସୁନ୍ଦରଗଡ ଜିଲାର ହେମଗିର, ସରଫଗଡ, ଲେଫ୍ରିପଡା, କନିକା ଅଞ୍ଚଳର ବୋଲି ଜଣାପଡ଼ିଛି।

# ଆର୍ଏସ୍‌ପିକୁ ଘରୋଇକରଣ ମସୁଧାକୁ ରାଉରକେଲା ଶ୍ରମିକ ସଂଘର ବିରୋଧ

ରାଉରକେଲା ଅଫିସ, ୫।୪

ସଲ୍‌ରେ ୱେଜ୍ ରିଭିଜନ୍ ଅବଧି ସରିବାର ୫୨ ମାସ ପରେ ମଧ ଦରମା ସଂଶୋଧନ ନେଇ କୌଣସି ଠୋସ୍ ନିଷ୍ପତ୍ତି ନିଆଯାଇ ପାରିଲାନାହିଁ । କ୍ରମାଗତ ଭାବରେ ଲାଭ କରି ରେକର୍ଡ ସୃଷ୍ଟି କରି ଚାଲିଥିବା ସେଲ୍ କର୍ମଚାରୀଙ୍କ ନୂତନ ମଜୁରି ଚୁକ୍ତିନାମାକୁ ନେଇ କର୍ତ୍ତୃପକ୍ଷଙ୍କ ଅତି ନୈରାଶ୍ୟଜନକ ପ୍ରସ୍ତାବ ଦେବା ଏବଂ ଅନ୍ୟ ପକ୍ଷରେ ମିତ୍ତଲ କମ୍ପାନୀ ଅଧିକାରୀଙ୍କ ଭିଲାଇ ଏବଂ ରାଉରକେଲା ଇସ୍ପାତ କାରଖାନା ଗସ୍ତ କରିବାର ଖବର ଅନ୍ୟ ଏକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଭଦ୍ରାବତୀ, ସାଲେମ, ଦୁର୍ଗାପୁର ଆଲୟ କାରଖାନାକୁ ଘରୋଇକରଣ କରିବା ଉଦ୍ଦେଶ୍ୟରେ ତିନି ତିନି ଥର ଟେଣ୍ଡର କରି କିଛି ସୁଫଳ ନପାଇବା ପରେ ସରକାରଙ୍କର ଆଖି ଏବେ ପୁରା ସେଲ୍ ଉପରେ । ଆଉ ମିତ୍ତଲ କମ୍ପାନୀ ଚକ୍ରାନ୍ତ କରି ପୁରା ସେଲକୁ ହାତେଇବା ଉଦ୍ଦେଶ୍ୟରେ ଅହରହ କାର୍ଯ୍ୟ କରୁଛି। ସ୍ଥାୟୀ ଏବଂ ଅସ୍ଥାୟୀ କର୍ମଚାରୀଙ୍କ ସଂଖ୍ୟା ୪୦/୫୦ ହଜାର ହେବ ତା ସହିତ ରାଉରକେଲା ସହରର ୭/୮ ଲକ୍ଷ ଲୋକ ଏହି କାରଖାନା ଉପରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି । ତାକୁ ଘରୋଇ ମାଲିକ ହାତରେ ଟେକି ଦେବାର ମସୁଧାକୁ ରାଉରକେଲା ଶ୍ରମିକ ସଂଘ କେବେ ବରଦାସ୍ତ କରିବ ନାହିଁ । କେନ୍ଦ୍ର ସରକାରଙ୍କୁ ରାଉରକେଲା ଶ୍ରମିକ ସଂଘ ଚେତେଇ ଦେବାକୁ ଚାହେଁ । ଏଭଳି ନିଷ୍ପତ୍ତିରୁ କ୍ଷାନ୍ତ ରୁହନ୍ତୁ ଏବଂ ଇସ୍ପାତ କର୍ତ୍ତୃପକ୍ଷ ଯେତେ ଶୀଘ୍ର ୧୦ ପ୍ରତିଶତ ଏମଜିପି ୩୫ ପ୍ରତିଶତ ଫିଙ୍ଗର ବେନିଫିଟ୍ ସହ ଇସ୍ପାତ ଶ୍ରମିକଙ୍କ ମଜୁରି ଚୁକ୍ତିନାମା କରନ୍ତୁ, ନଚେତ ଯେଉଁ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର ଏବଂ ଇସ୍ପାତ କର୍ତ୍ତୃପକ୍ଷ ଦାୟୀ ରହିବେ ।

# ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟ ଉଦ୍‌ଘାଟିତ

ବଡ଼ଗାଁ, ୫।୪ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସମେତ ଆଖପାଖ ବ୍ଲକ ଅଞ୍ଚଳର ଚାଷୀମାନଙ୍କ ବହୁ ଦିନର ଆଶା ପୂରଣ ହୋଇଛି। ଏଠାରେ ସୋମବାର ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟ ଉଦ୍‌ଘାଟିତ ହୋଇଛି। ଅତିଥିମାନଙ୍କ ସହ ଚାଷୀ ଲବଣୀଧର ପାଣିଗ୍ରାହୀ ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟକୁ ଉଦ୍‌ଘାଟନ କରିଥିଲେ। ବଡ଼ଗାଁ କୃଷି ଫାର୍ମ ପରିସରରେ ଥିବା ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟ ଦୀର୍ଘ ବର୍ଷ ହେଲା ଅଚଳ ଅବସ୍ଥାରେ ଥିଲା। ଚାଷୀମାନେ ବିହନ ପାଇବା ପାଇଁ ସୁନ୍ଦରଗଡକୁ ଧାନ ଦେଇ ପ୍ରକ୍ରିୟାକରଣ କରୁଥିଲେ। ଫଳରେ ଖର୍ଚ୍ଚାନ୍ତ ଓ ହଇରାଣରେ ପଡୁଥିଲେ। ଏଣିକି ବଡ଼ଗାଁରେ ଧାନ ପ୍ରକ୍ରିୟାକରଣ କରିପାରିବେ। ଏହି ପ୍ଲାଣ୍ଟ ବଡ଼ଗାଁର ବୃହତ୍ତ ଗୋଦାମଠାରେ ସ୍ଥାପିତ କରାଯାଇଛି। ପ୍ଲାଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମୀନାରାୟଣ ଦାସ, ସୁନ୍ଦରଗଡ଼ ବିହନ ନିଗମର ଭାରପ୍ରାପ୍ତ ଅଧିକାରୀ ବିଜବର ସେଠୀ, ବଡ଼ଗାଁ କୃଷି ଓଭରସିଅର୍ ସୁରେନ୍ଦ୍ର କୁମାର



ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟକୁ ଫିତାକାଟି ଉଦ୍‌ଘାଟନ କରୁଛନ୍ତି ଚାଷୀ ଲବଣୀଧର ପାଣିଗ୍ରାହୀ ।

ନାଏକ ଅତିଥି ଭାବେ ଯୋଗଦେଇଥିଲେ। ବିହନ ନିଗମ ଅଧିକାରୀ ସେଠୀ ସୂଚନା ଦେଇ କହିଛନ୍ତି, ମଙ୍ଗଳବାରଠାରୁ ପ୍ଲାଣ୍ଟରେ ବିହନ ପ୍ରକ୍ରିୟାକରଣ ଆରମ୍ଭ କରାଯିବ। ୧ଘଣ୍ଟାରେ ୪୦ କୁଇଣ୍ଟାଲ ଧାନ ପ୍ରକ୍ରିୟାକରଣ ହୋଇପାରିବ। ଅଞ୍ଚଳର ଚାଷୀମାନେ ଦୀର୍ଘ ବର୍ଷରୁ ପ୍ଲାଣ୍ଟ ସ୍ଥାପନ ଦାବିକରି ଆସୁଥିଲେ। ବଡ଼ଗାଁ ବ୍ଲକ ସମେତ ଜିଲାର ସମସ୍ତ ବ୍ଲକର ଚାଷୀ ଉପକୃତ ହେବେ। ଉଲ୍ଲେଖଯୋଗ୍ୟ ଯେ, ବଡ଼ଗାଁ ଅଞ୍ଚଳର ଚାଷୀମାନେ ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ ପାଇଁ ବିଭାଗୀୟ ଅଧିକାରୀମାନଙ୍କ ଠାରେ ଦାବିକରି ଆସୁଥିଲେ। ୩ ବର୍ଷ ପୂର୍ବେ ବଡ଼ଗାଁର ଲବଣୀଧର ପାଣିଗ୍ରାହୀ, ସ୍ୱର୍ଗତ କୃଷ୍ଣଚନ୍ଦ୍ର ସେଠ୍, କୁସୁନା ଗ୍ରାମର ନାରାୟଣ ସାହୁ ପୂର୍ବତନ କୃଷିମନ୍ତ୍ରୀ ପ୍ରଦୀପ ମହାରଥିଙ୍କୁ ସାକ୍ଷାତକରି ସମସ୍ୟା ଜଣାଇଥିଲେ। ସୋମବାର କାର୍ଯ୍ୟକ୍ରମରେ ବ୍ରହ୍ମାନନ୍ଦ ପାଣିଗ୍ରାହୀ, ଲୁଲୁ ପାଣିଗ୍ରାହୀ, ଲବଣୀଧର ପାଣିଗ୍ରାହୀ, ଉମାକାନ୍ତ ନାଏକ, କରୁଣାକର ସା, ପ୍ରଭାତ ବିଶି, କୈଳାସ ସାରପଟିଆ, ଲଳିନରଞ୍ଜନ ସାହୁ, ପୂର୍ଣ୍ଣଚନ୍ଦ୍ର ସାରପଟିଆ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଦେବଗଡ଼,୫।୪(ଡ଼ି.ଏନ.ଏ.)

ପାନୀୟ ଜଳ ସଙ୍କଟ ଦୂର କରିବା ପାଇଁ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ବିଡିଓଙ୍କୁ ଗୁହାରୀ କରି ବିଫଳ ହେବାପରେ ବାରକୋଟ ବ୍ଲକ କଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମନୋହରପୁର ଗ୍ରାମବାସୀ ଶେଷରେ ସୋମବାର ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଲିଖିତ ଗୁହାରୀ ଜଣାଇଛନ୍ତି। ପୂର୍ବାହ୍ନରେ ପଦ୍ମାବତୀ କିସାନ, ସୁନ୍ଦରୀ ମହାକୁଳ,ଦିପାଳୀ କିସାନ,ଜ୍ୟୋତି କିଷାନ, ଝରଣା କିଷାନ, ସୁକାନ୍ତି ଦଳବେହେରା, ସୁମିତ୍ରା କିଷାନ ଓ ସରସ୍ୱତୀ ମହାକୁଳଙ୍କ ନେତୃତ୍ୱରେ ମନୋହରପୁର ଗ୍ରାମର ବହୁ ମହିଳା ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ସାକ୍ଷାତ କରିବା ସହ ଉକ୍ତ ଗ୍ରାମରେ ଲାଗିରହିଥିବା ପାନୀୟ ଜଳ ସମସ୍ୟାର ସମାଧାନ ନିମନ୍ତେ ଗୁହାରୀ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ଗ୍ରାମରେ ପ୍ରାୟ ୮୦ ପରିବାରର ୪୦୦ ଲୋକ ବସବାସ କରୁଥିବା ବେଳେ ବ୍ୟବହାର



ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଗ୍ରାମବାସୀ ଆସିଛନ୍ତି।

### ମନୋହରପୁର ଗ୍ରାମରେ ପାନୀୟ ଜଳ ସଙ୍କଟ

ପାଇଁ ଉକ୍ତ ଗ୍ରାମରେ ୨ଟି ନଳକୂପ ରହିଛି । ମାତ୍ର ଏହି ନଳକୂପ ଦ୍ୱୟ ମଧ୍ୟରୁ ଗୋଟିଏ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡିଥିବା ବେଳେ ଅନ୍ୟଟିରୁ ଅପରିଷ୍କାର ତଥା ବ୍ୟବହାର ଅନୁପଯୋଗୀ ଜଳ ବାହାରୁଛି। ଅନ୍ୟ ପକ୍ଷରେ ଗାଁରେ ଥିବା ୨ଟି ପୋଖରୀ ଶୁଷ୍କ ହେବାରେ ଲାଗିଛି। ଫଳରେ ପାନୀୟ ଜଳ ଦୂରର କଥା ସ୍ନାନ ଶୌଚ ପାଇଁ ମଧ ସେମାନେ ଯଥେଷ୍ଟ ପରିମାଣର ପାଣି ପାଇପାରୁନାହାନ୍ତି । ଏ ସମ୍ପର୍କରେ କଲା ଗ୍ରାମ ପଞ୍ଚାୟତର ସରପଞ୍ଚ ସସ୍ମିତା ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରକିଶୋର ଗଡନାୟକ ଓ ବାରକୋଟ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୁନୁ ମେହେରଙ୍କ ମତାମତ ଲୋଡିବାରୁ ବର୍ତ୍ତମାନ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟଜାରୀ ରହିଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ପାନୀୟ ଜଳ ସମସ୍ୟାର ସମାଧାନ ହୋଇଯିବ ବୋଲି ଉତ୍ତର ଦେଇଛନ୍ତି ।

## ସୁଇମିଂ ପୁଲ୍ ପଡ଼ିଆ ହେଲା ଦୈନିକ ହାଟ

ବ୍ରଜରାଜନଗର, (ଡି.ଏନ.ଏ.): ବ୍ରଜରାଜନଗର ସହରାଞ୍ଚଳର ଦୈନିକ ହାଟକୁ ନେଇ ୩ଦିନ ଧରି ଲାଗିଥିବା ସମସ୍ୟାର ସମାଧାନ ହୋଇଛି। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବର୍ତ୍ତମାନ ପାଇଁ ଦୈନିକ ପରିବା ହାଟକୁ ସୁଇମିଂ ପୁଲ୍ ପଡିଆକୁ ସ୍ଥାନାନ୍ତର କରାଯାଇଛି। ତେବେ ଓପିମିଲ କର୍ତ୍ତୃପକ୍ଷ ଏହାକୁ ବିରୋଧ କରିଥିଲେ। ପରେ ଆଇନଜୀବୀ ବିଶ୍ୱନାଥ ନାଏକ, ଓଡ଼ିଆ ଏକତା ମଞ୍ଚ ସଭାପତି ନୃପଲାଲ ତାଣ୍ଡି, ଟାଉନ ବିଜେଡି ସଭାପତି ରାଧାକାନ୍ତ ପ୍ରଧାନ, ସୁଧାଂଶୁ ତ୍ରିପାଠୀ, ଶେଷଦେବ ସାହୁ ପ୍ରମୁଖ ପହଞ୍ଚି ମିଲ୍ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ପରିବା ବିକାଳିଙ୍କୁ ଶୃଙ୍ଖଳିତ ଭାବେ ବସାଇଥିଲେ। ଜିଲା ପ୍ରଶାସନର ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଏହି ହାଟ ଦୈନିକ ଏଠାରେ ଚାଲିବ ବୋଲି ପୌର ପ୍ରଶାସନ ତରଫରୁ ପ୍ରକାଶ କରାଯାଇଛି।

**ସଂକ୍ଷେପରେ**

## ମାଟ୍ରିକ ପରୀକ୍ଷା କେନ୍ଦ୍ର ଅନ୍ୟତ୍ର ନ ଉଠାଇବା ଦାବିରେ ସ୍ମାରକପତ୍ର

**ଦେବଗଡ଼,୫।୪(ଡ଼ି.ଏନ୍.ଏ.):** ବାରକୋଟ ବ୍ଲକ ଅନ୍ତର୍ଗତ ଗୁରୁସଙ୍ଗ ପଞ୍ଚାୟତ ସଦର ମହକୁମାରେ ଥିବା ପଞ୍ଚାୟତ ହାଇସ୍କୁଲରେ ପ୍ରତ୍ୟେକ ବର୍ଷ ମାଟ୍ରିକ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେଉଥିଲା । ଫଳରେ ସମ୍ପୃକ୍ତ ଅଞ୍ଚଳର ଗରିବ, ଆଦିବାସୀ ଓ ଭୂୟାଁ ଜନଜାତିର ଛାତ୍ରୀଛାତ୍ର ସୁବିଧାରେ ପରୀକ୍ଷା ଦେଇପାରୁଥିଲେ । ମାତ୍ର ଚଳିତବର୍ଷ ଏହି ପରୀକ୍ଷା କେନ୍ଦ୍ରକୁ ଅନ୍ୟତ୍ର ଉଠାଇନେବା ପାଇଁ ଜିଲା ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ମସୁଧା ଚଳାଇଥିବା ଶୁଣିବାକୁ ମିଳୁଥିବାରୁ ସମ୍ପୃକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଣୁ ଉକ୍ତ ଗୁରୁସଙ୍ଗ ପଞ୍ଚାୟତ ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ଅନ୍ୟତ୍ର ନ ଉଠାଇ ପୂର୍ବବତ ସେଠାରେ ମାଟ୍ରିକ ବୋର୍ଡ ପରୀକ୍ଷା କେନ୍ଦ୍ର ସ୍ଥାପନ କରିବାକୁ ସମ୍ପୃକ୍ତ ଅଞ୍ଚଳର ବହୁ ପୁରୁଷ ଓ ମହିଳା ସୋମବାର ଦେବଗଡ ସ୍ଥିତ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଲିଖିତ ଗୁହାରୀ କରିଛନ୍ତି। ପୂର୍ବାହ୍ନରେ ସମ୍ପୃକ୍ତ ଅଞ୍ଚଳର ନରୋତ୍ତମ ନାୟକ, ହେମନ୍ତ କୁମାର ନାୟକ, ଟଙ୍କଧର ସାମଲ, ପ୍ରହ୍ଲାଦ ବେହେରା, ପ୍ରଦୀପ କୁମାର ବିଶ୍ୱାଳ, ବୃନ୍ଦାବନ ବେହେରା, ବସନ୍ତ ନାୟକ, ଅଞ୍ଜଳି ନାୟକ, ଚିନା ପ୍ରଧାନ, ଅରୁନ୍ଧତୀ ସାହୁ, ରୁକୁଣା ନାୟକ ଓ ଅଞ୍ଜଳି ପ୍ରଧାନଙ୍କ ସମେତ ବହୁ ପୁରୁଷ ଓ ମହିଳା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଏ ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ପରିତ୍ୟକ୍ତ ଘରୁ ଗଳିତ ମୃତଦେହ ଜବତ

**ସମ୍ବଲପୁର, ୫।୪ (ବ୍ୟୁରୋ):** ସମ୍ବଲପୁର ଅଇଁଠାପାଲି ଥାନା ବରେଇପାଲି ଛକରେ ଥିବା ଏକ ପରିତ୍ୟକ୍ତ ଘରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି । ୨ଦିନ ପୂର୍ବରୁ ଯୁବକଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ମୃତକ ହେଲେ ବରେଇପାଲିର ରୋହନ ପ୍ରଧାନ(୩୦)। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜଣାପଡୁଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

## ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦ: କଂଗ୍ରେସର ବିକ୍ଷୋଭ

**ଦେବଗଡ଼, ୫।୪(ଡି.ଏନ୍.ଏ.):** ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରତିବାଦରେ ସୋମବାର ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ଦେବଗଡ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଜିଲା କଂଗ୍ରେସ ଏସ୍‌ଟି ସେଲ୍ ସଭାପତି କ୍ଷେତ୍ର କୁମାର ପାତ୍ର, ଏସ୍‌ସି ସେଲ ସଭାପତି ମଞ୍ଜୁଳ ନାୟକ, ଦେବଗଡ ନଗର କଂଗ୍ରେସ ସଭାପତି ପ୍ରକାଶଚନ୍ଦ୍ର ଦେବତା, ପୂର୍ବତନ ନଗର ସଭାପତି ସୁବାସ ଚନ୍ଦ୍ର ଭୋଇ, ମିଡିଆ ସେଲ ସଂଯୋଜକ ପଞ୍ଚୁ ଲାଲ ବରାଇ, ବିକାଶ ଖଡିରତ୍ନ, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ କୁମାର ମିଶ୍ର, ବସନ୍ତ କୁମାର ମିଶ୍ର ଓ କ୍ଷୀତିଶ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଏକ ଶୋଭାଯାତ୍ରାରେ ଦେବଗଡ ବିଦ୍ୟୁତ୍ ବିଭାଗ ଡିଭିଜନ କାର୍ଯ୍ୟାଳୟକୁ ଯାଇଥିଲେ। ବିଭିନ୍ନ ସରକାର ବିରୋଧୀ ସ୍ଲୋଗାନ ଦେବା ସହ ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ପାଇଁ ଦାବି କରିଥିଲେ ।

## ପାଲା ଗାୟକଙ୍କ ପରଲୋକ

**ସମ୍ବଲପୁର, ୫।୪ (ବ୍ୟୁରୋ):** ବରିଷ୍ଠ ପାଲା ଗାୟକ ହାରାଚାନ୍ଦ ନାଥଙ୍କ ସୋମବାର ସକାଳେ ସମ୍ବଲପୁର ଜିଲା ପରମାଣପୁର ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରେ ବାଦିପାଲା, ଷୋଳପାଲା, ମହିଷାସୁର ବଧ, ସାବିତ୍ରୀ ସତ୍ୟବାନ, କାଞ୍ଚି ଅଭିଯାନ, ଅର୍ଜୁନ ଓ ସୁଧର୍ମାର ଯୁଦ୍ଧ ପ୍ରଭୃତି ପାଲା ପରିବେଷଣ କରି ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଆକାଶବାଣୀ ଓ ଦୂରଦର୍ଶନରେ ମଧ ତାଙ୍କ ପାଲା ପ୍ରସାରିତ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ସୁରେଶ, ସୁରଜ ଓ ଝିଅ ତପସ୍ୱିନୀଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ । ଜିଲାର ବିଭିନ୍ନ ଅଞ୍ଚଳରୁ ପାଲା ଗାୟକମାନେ ଆସି ତାଙ୍କ ଶେଷ ଦର୍ଶନ କରିଥିଲେ । ତାଙ୍କ ବିୟୋଗରେ ପରମାଣପୁର ତଥା ସମ୍ବଲପୁର ଜିଲାରେ ଶୋକର ଛାୟା ଖେଳିଯାଇଛି।

# ଟିକାକରଣ କେନ୍ଦ୍ରରେ ଅବ୍ୟବସ୍ଥା

■ ଲାଇନରେ ଛିଡ଼ାହୋଇ ଫେରିଲେ ଲୋକେ
■ ବିଭିନ୍ନ କେନ୍ଦ୍ରରେ ଉତ୍ତେଜନା

ସମ୍ବଲପୁର,୫।୪(ବ୍ୟୁରୋ)

ସମଗ୍ର ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ପରିପ୍ରେକ୍ଷୀରେ ସରକାର ଟିକାକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ଟିକାକରଣ ଜାରି ରହିଛି। ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ପ୍ରଥମ ଡୋଜ୍ ଓ ବରିଷ୍ଠ ନାଗରିକଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଛି। ସଚେତନ କରାଯିବାରୁ ଟିକା ଉପରେ ଲୋକଙ୍କ ଭରସା ବଢିଚାଲିଛି। କରୋନା ସଂକ୍ରମଣ ବୃଦ୍ଧିକୁ ନେଇ ଭୟ ମଧ୍ୟ ଏହାର ଅନ୍ୟ ଏକ କାରଣ ହୋଇଛି। ଏଭଳିସ୍ଥଳେ ଟିକାକରଣ କେନ୍ଦ୍ରରେ ଅବ୍ୟବସ୍ଥା ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି।

ସମ୍ବଲପୁର ଜିଲାରେ ଏଭଳି ଘଟଣା ନଜରକୁ ଆସିଛି। ସୋମବାର ଜିଲାର କେତେକ ଟିକାକରଣ କେନ୍ଦ୍ରକୁ ଆସି ଲୋକମାନେ ଫେରିଯାଇଥିବା ଜଣାପଡିଛି। ସମ୍ବଲପୁର ମହାନଗର ନିଗମରେ ଚାଲିଥିବା ଟିକାକରଣ କେନ୍ଦ୍ରରେ ଏଭଳି ସମସ୍ୟା ଦେଖିବାକୁ ମିଳିଥିଲା। ଏହାକୁ ନେଇ କେତେକ କେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସକାଳ ୬ଟାରୁ ଲୋକେ ଲାଇନରେ ଛିଡା ହୋଇଥିଲେ ମଧ ୯ଟାରେ କର୍ମଚାରୀମାନେ ଆସି ଆଜି ଟିକା ଦିଆଯିବ ନାହିଁ ବୋଲି କହିଥିଲେ। ମେଡିକାଲରେ ଟିକା ଷ୍ଟକ୍ ନାହିଁ, ଆସନ୍ତାକାଲି ଆସିବାକୁ କହିଥିଲେ। ଫଳରେ ଦୂରଦୂରାନ୍ତରୁ ଆସିଥିବା ବୟସ୍କଲୋକମାନେ ହଇରାଣ ହୋଇ ଫେରିଯାଇଥିଲେ। ପୂର୍ବାହ୍ନ ୧୦ଟାରେ ଭ୍ୟାକସିନ ପହଞ୍ଚିବା ପରେ ଟିକାଦାନ ଆରମ୍ଭ ହୋଇଥିଲା। ଏହି ସମୟରେ ପୂର୍ବରୁ ଲାଇନରେ ଛିଡା ହୋଇ ଫେରିଥିବା ଲୋକମାନେ ଆସି ଟିକା ଦେବାକୁ କହିଥିଲେ ମଧ ମନା କରିଦେବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। କ୍ଷେତରାଜପୁର ଟିକାକେନ୍ଦ୍ରକୁ ପ୍ରତିଦିନ ୨୦୦ ଜଣଙ୍କୁ ଟିକା ଦିଆଯାଉଥିବା ବେଳେ ସୋମବାର ୧୦୦ ଜଣଙ୍କୁ ଦିଆଯାଇଥିଲା। ସବୁଠି ଟିକା ଯୋଗାଣ କମ୍ ହୋଇଥିବା କର୍ମଚାରୀ ଦର୍ଶାଇଥିଲେ। ସେହିପରି ମାନେଶ୍ୱର କେନ୍ଦ୍ରରେ ମଧ ଅବ୍ୟବସ୍ଥା ନେଇ ଲୋକମାନେ କର୍ମଚାରୀଙ୍କୁ ଅଭିଯୋଗ କରିଥିଲେ। କେବଳ ମହାନଗର ନିଗମ ନୁହେଁ, ଜିଲାର ଉପଖଣ୍ଡ ଓ ବ୍ଲକଗୁଡିକରେ ହୋଇଥିବା ଟିକାକରଣରେ ସମସ୍ୟା ଦେଖାଦେଇଥିଲା। ଏ ସମ୍ପର୍କରେ ଏଡିଏମ୍‌ଓ ଭରତ ଚନ୍ଦ୍ର ଦାସ କହିଛନ୍ତି, ଟିକାଦାନକୁ ନେଇ ସାମାନ୍ୟ ସମସ୍ୟା ରହିଛି। ହେଲେ ମଧ ଟିକାକରଣ ଜାରି ରହିବ। ସୂଚନାଯୋଗ୍ୟ, ଜିଲାରେ ଜାନୁୟାରୀ ୧୬ଠାରୁ ଟିକାକରଣ ଆରମ୍ଭ ହୋଇଥିଲା। ମାର୍ଚ୍ଚ ୩୧ ସୁଦ୍ଧା ୧୨୩୬୦ ସ୍ୱାସ୍ଥ୍ୟକର୍ମୀ, ୭୪୨୯ ସମ୍ମୁଖ ଯୋଦ୍ଧା, ୪୩ ହଜାର ୧୭୩ ଜଣ ବରିଷ୍ଠ ନାଗରିକ, ୪୫ରୁ ୫୯ ବର୍ଷ ବୟସ୍କ ଜଟିଳ ରୋଗରେ ପୀଡିତ ୩୭୫୨ଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ୨୮ ଦିନ ପରେ ଦ୍ୱିତୀୟ ଡୋଜ୍ ଟିକା ନେଇସାରିଛନ୍ତି। ଜିଲାରେ ମୋଟ ୮୫ ଟିକାଦାନ କେନ୍ଦ୍ର ଖୋଲାଯାଇଛି। ଭିମ୍‌ସାର, ସଦର ଡାକ୍ତରଖାନା, ୨ ସବ୍‌ଡିଭିଜନ ଡାକ୍ତରଖାନା, ୧୧ ସିଏଚ୍‌ସି, ୩୪ ପିଏଚ୍‌ସି, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ୧୨ ଗୋଟି ସବ୍‌ସେଣ୍ଟର ରହିଥିବାବେଳେ କେତେକ ଘରୋଇ ମେଡିକାଲକୁ ମଧ ଅନୁମତି ପ୍ରଦାନ କରାଯାଇଛି। ଘରୋଇ ମେଡିକାଲରେ ଟିକା ନେଲେ ୨୫୦ ଟଙ୍କା ଦେୟ ରହିଛି।



ଏସ୍‌ଏମ୍‌ସିର ମାନେଶ୍ୱର ମେଡିକାଲରେ ଟିକା ନେବା ପାଇଁ ଅପେକ୍ଷାରତ ଲୋକେ।

# ଗୋଦାମ ଫାଟକ ସମ୍ମୁଖରେ ଧାରଣା



ମହିଳାମାନେ ଏଫ୍‌ସିଆଇ ଗୋଦାମ ଫାଟକ ଆଗରେ ଧାରଣା ଦେଇଛନ୍ତି।

**ଏଫ୍‌ସିଆଇ ଘରୋଇକରଣକୁ ଜିଲା କୃଷକ ସଙ୍ଗଠନର ବିରୋଧ**

ଝାରସୁଗୁଡ଼ା ଅଫିସ,୫।୪

କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ପ୍ରତ୍ୟାହାର ଓ ଏଫ୍‌ସିଆଇ ଘରୋଇକରଣକୁ ବିରୋଧ କରି ସୋମବାର ଜିଲା କୃଷକ ସଙ୍ଗଠନ ପକ୍ଷରୁ ଝାରସୁଗୁଡ଼ା ବାଲିଯୋରୀସ୍ଥିତ ଏଫ୍‌ସିଆଇ ଗୋଦାମ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ପରେ ଏଫ୍‌ସିଆଇ ମ୍ୟାନେଜର ଜେ.କେ. କିରୋଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଆନ୍ଦୋଳନକୁ ଜିଲାର ବିଭିନ୍ନ ସଙ୍ଗଠନ ସମର୍ଥନ ଜଣାଇଥିଲେ। ଏଥିରେ ପ୍ରଗତିଶୀଳ ଶ୍ରମିକ ମଞ୍ଚ, ଅଖିଳ ଭାରତୀୟ ଟ୍ରେଡ୍ ୟୁନିୟନ, ଓଡ଼ିଶା ଗ୍ରାମୀଣ କ୍ଷେତମୁଲିଆ ସଂଘ ଆଦିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା କେନ୍ଦ୍ର ସରକାରଙ୍କ କୃଷକମାରଣ ନୀତି ବିରୋଧରେ ସ୍ଲୋଗାନ ଦେଇଥିଲେ। ଜିଲା କୃଷକ ସଙ୍ଗଠନ ସାଧାରଣ ସମ୍ପାଦକ ସୁରେନ୍ଦ୍ର ସାହୁ, ଆବାହକ ବିଜୟ ଦାସ, ସଙ୍ଗଠନ ସମ୍ପାଦକ ସୁରେଶ ତ୍ରିପାଠୀ, ତ୍ରିଲୋଚନ ତନସେନା, ରକ୍ଷାକର ଅନୁପମ, ସାରଙ୍ଗଧର ମିଶ୍ର, ମହେନ୍ଦ୍ର ନାଏକ ପ୍ରମୁଖଙ୍କ ସମେତ ଜିଲାର ବହୁ ମହିଳାପୁରୁଷ ଯୋଗଦେଇଥିଲେ।

# ରଙ୍ଗଲଗା ପୁରୁଣା ବୋଟ୍ କ୍ରୟ

ସମ୍ବଲପୁର,୫।୪(ବ୍ୟୁରୋ)

ସମ୍ବଲପୁର ଜିଲାର ଯୁଯୁମୁରା ଇକୋ ଟୁରିଜମ ସ୍ଥଳ ଦେବଝରନକୁ ରବିବାର ବୋଟ୍ ଆସିବା ପରେ ଏହାକୁ ପରୀକ୍ଷା କରିବା ପାଇଁ ସୋମବାର ଡିଏଫ୍‌ଓ ଡ. ସଞ୍ଜୀତ କୁମାର ପହଞ୍ଚିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଦେବଝରନ ବିକାଶ ମଞ୍ଚ ସଦସ୍ୟଙ୍କ ସହ ଡିଏଫ୍‌ଓ ବୋଟ୍ ପରିଚାଳନା ଉପରେ ଆଲୋଚନା କରିଥିଲେ। ମଞ୍ଚ ପକ୍ଷରୁ ରଙ୍ଗଲଗା ପୁରୁଣା ବୋଟ୍ କିଣାଯାଇଥିବା ଅଭିଯୋଗ ହୋଇଥିଲା। ଏହା ଦ୍ୱାରା ପ୍ରାୟ ୭ଲକ୍ଷ ଟଙ୍କା ବର୍‌ବାଦ ହେବାସହ କୌଣସି ସମୟରେ ବୋଟ୍ ଅଚଳ ହେବା ସମ୍ଭାବନା ରହିଛି। ବୋଟରେ ବ୍ୟବହାର ହୋଇଥିବା ଫାଇବର ଚାଦର ହାଲୁକା ଓ ପୂର୍ବରୁ ବ୍ୟବହାର ହୋଇଥିବା ଜଣାପଡୁଛି। ଏହାସହ କଳଙ୍କି ଲାଗିଥିବା ଷ୍ଟିଲ ସଫା କରି ଦିଆଯାଇଥିବା ସ୍ପଷ୍ଟ ହେଉଛି। ତେଣୁ ଏହି ବୋଟ୍‌କୁ ଫେରାଇ ଅନ୍ୟବୋଟ୍ କ୍ରୟ ସହ କାଗଜପତ୍ର ଯାଞ୍ଚ କରାଯାଉ ବୋଲି ଦାବି କରିଥିଲେ। ଡିଏଫ୍‌ଓ କୁମାର ବୋଟ ଯୋଗାଇଥିବା ସଂସ୍ଥାର ମାଲିକ ସବୀର ବକ୍ସଙ୍କୁ ଶୀଘ୍ର କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ବୋଟ୍‌କୁ ଏକ ବୈଷୟିକ ଟିମ୍ ଦ୍ୱାରା ଯାଞ୍ଚ କରାଯିବ। ପୁରୁଣା ବୋଟ୍ ହୋଇଥିଲେ ଫେରାଇ ଦିଆଯିବ ବୋଲି ବିକାଶମଞ୍ଚ ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମଞ୍ଚ ଆବାହକ ଅରୁଣ ଦେହୁରି, ଟଙ୍କଧର ପ୍ରଧାନ, ହମିଦ ବିଶ୍ୱାଳ, ସିରାଜ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ରବିବାର ବୋଟ୍ ପହଞ୍ଚିବା ପରେ ବନ ସୁରକ୍ଷା ସମିତି ସଦସ୍ୟ ଓ ବନ କର୍ମଚାରୀଙ୍କ ଉପସ୍ଥିତିରେ ପରୀକ୍ଷାମୂଳକ ଭାବେ ଚଲାଯାଇଥିଲା।




ଦେବଝରନକୁ ଆସିଥିବା ବୋଟ୍।

**ଦେବଝରନ ବିକାଶ ମଞ୍ଚର ଡିଏଫଓଙ୍କୁ ଅଭିଯୋଗ**

## ପାନୀୟଜଳ ସମସ୍ୟା ସମାଧାନ ଦାବିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ରେଢାଖୋଲ,୫।୪(ଡି.ଏନ.ଏ.)

ରେଢାଖୋଲ ସହରରେ ପାନୀୟ ଜଳ ସମସ୍ୟା ସମାଧାନ ଦାବିରେ ଭାଜପା ନଗର କମିଟି ପକ୍ଷରୁ ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଅନୁମତି ନ ମିଳିବାରୁ ସହରର ବିଭିନ୍ନ ୱାର୍ଡରୁ ଶତାଧିକ ମହିଳାପୁରୁଷ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଧଶେଇପଶି ଦାବିପତ୍ର ପ୍ରଦାନ କରିଥିଲେ। ଉପଜିଲାପାଳ ପଦ୍ମନାଭ ବେହେରା ଦାବିପତ୍ର ଗ୍ରହଣ କରି ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଡକାଇ ଅଲୋଚନା କରିବା ସହିତ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ପୂର୍ବତନ ନଗରପାଳ ସୁଷମା ମୁଣ୍ଡା, ନଗର କମିଟି ସଭାପତି ରାମାନୁଜ ମହାପାତ୍ର, ବିଚିତ୍ରାନନ୍ଦ ସାହୁ, ଶିବ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ସହରର ବିଭିନ୍ନ ୱାର୍ଡରେ ଜଳ କଷ୍ଟ ଲାଗିରହିଥିବାରୁ ଆସନ୍ତା ୨ଦିନ ମଧ୍ୟରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆ ନ ଗଲେ ଭାଜପା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଷୋହଳ ପ୍ରହର ନାମଯଜ୍ଞ

ବ୍ରଜରାଜନଗର, ୫।୪ (ଡି.ଏନ.ଏ.)

ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ ବରପାଲି ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ସମାପନ ହୋଇଛି। ଚଳିତବର୍ଷ ଜୀବର୍ଦ୍ଧନ ବଢ଼ାଇ ସସ୍ତ୍ରୀକ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ନାମଯଜ୍ଞରେ ଆଖପାଖ ଅଞ୍ଚଳରୁ ୧୨ ଗୋଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ।

# ବାଇକ୍ ଦୁର୍ଘଟଣାରେ ଶ୍ରମିକ ମୃତ

ସମ୍ବଲପୁର,୫।୪(ବ୍ୟୁରୋ)

ବାଇକ୍ ଦୁର୍ଘଟଣାରେ ସୋମବାର ସମ୍ବଲପୁର ଜିଲା ଯୁଯୁମୁରା ଥାନା ତିଲେଇମାଲ ଗ୍ରାମର ନାମଜାନ୍ଦ ଗୁଡିଆ (୨୮)ଙ୍କ ମୃତ୍ୟୁ ଘଟିଛି । ମିଳିଥିବା ସୂଚନା ଅନୁସାରେ ନାମଜାନ୍ଦ ରବିବାର କୌଣସି କାମରେ ବାହାରକୁ ଯାଇ ରାତିରେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଭାରସାମ୍ୟ ହରାଇ ବାଇକ୍‌ଟି ରାସ୍ତାକଡ ଏକ ଗଛରେ ପିଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ବର୍ଗ ତାଙ୍କୁ ଘରକୁ ନେଇଥିଲେ। ସୋମବାର ସକାଳେ ଯୁଯୁମୁରା ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ୪୯/୨୧ରେ ମାମଲା ରୁଜୁ କରି ଘଟଣା ତଦନ୍ତ କରୁଛି।

# ନିଯୁକ୍ତି ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ଝାରସୁଗୁଡ଼ା ଅଫିସ,୫।୪

ଝାରସୁଗୁଡ଼ା ଏକ ଶିଳ୍ପସମୃଦ୍ଧ ଜିଲା ହୋଇଥିବାବେଳେ ଏଠାରେ ଦିନକୁଦିନ ବେକାରି ସମସ୍ୟା ବୃଦ୍ଧି ପାଉଛି । ଏହାର ପ୍ରତିକାର ପାଇଁ ପ୍ରତି ବ୍ଲକ୍ ଓ ପୌରାଞ୍ଚଳରେ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ଖୋଲାଯାଇ ବେକାର ଯୁବତୀଯୁବକଙ୍କ ନାମ ପଞ୍ଜୀକୃତ କରାଯାଉ। ପରେ ସେମାନଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଅଖିଳ ଭାରତ ଯୁବ ସଂଘ ତରଫରୁ ଦାବି ହୋଇଆସୁଛି। ଏ ନେଇ ସଂଘ ପକ୍ଷରୁ ଆନ୍ଦୋଳନ ହେଉଥିଲେ ମଧ ଜିଲା ପ୍ରଶାସନ କର୍ଣ୍ଣପାତ କରୁନାହିଁ । ଫଳରେ ବେକାର ଯୁବତୀଯୁବକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ସଂଘ ତରଫରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ସଂଘ ସଭାପତି ରମାକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସିପିଆଇ ନେତା ରମେଶ ତ୍ରିପାଠୀ, ସାରଙ୍ଗଧର ମିଶ୍ର, ମାନସ ରଞ୍ଜନ ପ୍ରଧାନ, ସୁଦର୍ଶନ ରାଉତ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ପରେ ଜିଲାପାଳ ସରୋଜ କୁମାର ସାମଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆନ୍ଦୋଳନରେ ଜିଲାର ଶତାଧିକ ବେକାର ଯୁବତୀଯୁବକ ଯୋଗଦେଇଥିଲେ।

# ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଫିସ ଆଗରେ ଧାରଣା

**ବିଦ୍ୟୁତ୍ ଦର ବୃଦ୍ଧିକୁ କଂଗ୍ରେସର ବିରୋଧ**

ସମ୍ବଲପୁର,୫।୪(ବ୍ୟୁରୋ)

ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ରାଜ୍ୟ କଂଗ୍ରେସ ଆହ୍ୱାନ କ୍ରମେ ଜିଲା କଂଗ୍ରେସ ପକ୍ଷରୁ ସୋମବାର ଅଇଁଠାପାଲିସ୍ଥିତ ଅଧିକ୍ଷଣ ଯନ୍ତ୍ରୀ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିରେ ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ, ନିରଞ୍ଜନ ତ୍ରିପାଠୀ, ଜିତେନ୍ଦ୍ର ପ୍ରଧାନ, ସୁତାପା ମିତ୍ର, ବିଜୟଲକ୍ଷ୍ମୀ ବେହେରା, ସସ୍ମିତା ଦେହୁରି, ପ୍ରଶାନ୍ତ ସାହୁ, ଜୟରାମ ବଣିଆ, ଯସବିର ସିଂ, ଅଶୋକ ସୋନୀ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ ପ୍ରମୁଖ ସାମିଲ ହୋଇଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ ଦର୍ଶାଇଥିଲେ, ସରକାର ୟୁନିଟ୍ ପିଛା ୫୦ ପଇସା ବୃଦ୍ଧି କରିଛନ୍ତି। କରୋନା ମହାମାରୀ ସମୟରେ ଲୋକମାନେ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବେଳେ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇ ଦର ହ୍ରାସ କରାଯାଉ ବୋଲି ଜିଲା ସଭାପତି ଗୁରୁ ଦାବି କରିଥିଲେ।

# ଭେଡେନ୍ ନଦୀରୁ ବେଆଇନ ଭାବେ ପାଣି ଶୋଷୁଛି ଶିଳ୍ପସଂସ୍ଥା

ଝାରସୁଗୁଡ଼ା ଅଫିସ,୫।୪

ଝାରସୁଗୁଡ଼ା ନିକଟରେ ପ୍ରବାହିତ ଭେଡେନ୍ ନଦୀରୁ ଗ୍ରୀଷ୍ମଋତୁରେ ବେଦାନ୍ତ ଶିଳ୍ପାନୁଷ୍ଠାନ ବେଆଇନ ଭାବେ ମୋଟର ଲଗାଇ ପାଣି ଶୋଷୁଥିବା ଅଭିଯୋଗ ହୋଇଛି। ଫଳରେ ନଦୀରୁ ପାଣି ଶୁଖିଯାଇ ଭୂତଳ ଜଳ ହ୍ରାସ ପାଉଛି। ଏହାର ପ୍ରଭାବ ଝାରସୁଗୁଡ଼ାବାସୀଙ୍କ ଜନଜୀବନ ଉପରେ ପଡୁଛି। ଏ ନେଇ ଝାରସୁଗୁଡ଼ା ଜିଲା କଂଗ୍ରେସ କମିଟି ଉପସଭାପତି ସୀୟାରାମ ଦାସଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଏକ ହୋଟେଲ୍‌ରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଏଥିରେ ଜିଲା ଉପସଭାପତି ଦାସ, ସାଧାରଣ ସମ୍ପାଦକ ମିନିଷ ବାଜପେୟୀ, ଜୀବନ ସାର୍ଥକ ଦାସ, ସମ୍ପାଦକ ଅଲେଖ କୁମାର ଓ ଆଞ୍ଚଳିକ ସୁରକ୍ଷା ମଞ୍ଚର ସତ୍ୟନାରାୟଣ ରାଓ ପ୍ରମୁଖ ଉପସ୍ଥିତ ରହି କମ୍ପାନୀର ଏଭଳି କାର୍ଯ୍ୟକୁ ବିରୋଧ କରିଥିଲେ । ଆଗାମୀ ଦିନରେ ଜିଲା କଂଗ୍ରସ କମିଟି ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ। ଯଦି ଏଥିରେ କୌଣସି ସୁଫଳ ନ ମିଳିଲା କଂଗ୍ରେସ କମିଟି ପିଆଇଏଲ୍ ଫାଇଲ୍ କରି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା କଂଗ୍ରେସ କର୍ମକର୍ତ୍ତା।

# ଚାଷୀଙ୍କ ଏଫ୍‌ସିଆଇ ବଞ୍ଚାଓ ଆନ୍ଦୋଳନ

ସମ୍ବଲପୁର,୫।୪(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ଚାଷୀ ବିରୋଧୀ। ପରୋକ୍ଷରେ ଏହା ଏଫ୍‌ସିଆଇକୁ ବନ୍ଦ କରିଦେବାର ଯୋଜନା। ଯଦି ଏଫ୍‌ସିଆଇ ନିୟନ୍ତ୍ରଣରେ କୃଷିଜାତ ଦ୍ରବ୍ୟ କିଣାବିକା ନ ହେବ ତା'ହେଲେ ଚାଷୀ ସହିତ ଜନସାଧରଣଙ୍କ ପାଇଁ ବଡ ସମସ୍ୟା ସୃଷ୍ଟି ହେବ। ଦେଶରେ ଖାଦ୍ୟ ସୁରକ୍ଷା ଓ ନିରାପତ୍ତା ପ୍ରତି ବିପତ୍ତି ଆଣିଦେବ ବୋଲି ସମ୍ବଲପୁର ଏଫ୍‌ସିଆଇ କାର୍ଯ୍ୟାଳୟ ପରିସରରେ ଚାଷୀମାନେ ବ୍ୟକ୍ତବ୍ୟ ଦେଇଥିଲେ। ଅଲ୍ ଇଣ୍ଡିଆ କିସାନ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଏଫ୍‌ସିଆଇ ବଞ୍ଚାଓ ଡାକରାରେ ଜିଲା କୃଷକ ସଂଗଠନ ସାମିଲ ହୋଇଥିଲା। ପ୍ରତୀକାତ୍ମକ ଭାବେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, କୃଷିକୁ ଘରୋଇକରଣ କରିବା ପାଇଁ କେନ୍ଦ୍ର ସରକାର ୫ବର୍ଷ ପୂର୍ବରୁ ଯୋଜନା କରିଥିଲେ। ତେଣୁ ବଡ ବଡ କମ୍ପାନୀ ଗୋଦାମ ଗୃହ ସହ ଆବଶ୍ୟକ ବ୍ୟବସ୍ଥା କରିସାରିଛନ୍ତି। କୃଷି ଆଇନରେ ଏମ୍‌ଏସ୍‌ପି ଉପରେ କୌଣସି କଡା ଆଇନ କରାଯାଇ ନାହିଁ। ଏଥିରେ ଅନେକ ତ୍ରୁଟି ରହିଛି। ଏହାକୁ ପ୍ରତ୍ୟାହାର କରିବା ପାଇଁ ଚାଷୀମାନେ ଦିଲ୍ଲୀ ସମେତ ସମଗ୍ର ଦେଶରେ ଆନ୍ଦୋଳନ କରୁଛନ୍ତି। ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ଚାଷୀଙ୍କ ମୃତ୍ୟୁ ଘଟିଲାଣି। ହେଲେ ମଧ ସରକାର ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଏଫ୍‌ସିଆଇ ଥିବାରୁ ଦେଶରେ ଖାଦ୍ୟ ସୁରକ୍ଷା ଓ ନିରାପତ୍ତା ପରିଚାଳନା ଠିକ୍ ଭାବେ ହୋଇପାରୁଛି। ଚାଷୀମାନଙ୍କୁ ଏମ୍‌ଏସ୍‌ପି ଅନୁସାରେ ଦର ମିଳୁଛି। ଏହାକୁ ବନ୍ଦ କରିବା ପରେ କମ୍ପାନୀଗୁଡିକ ମନଇଚ୍ଛା ଉତ୍ପାଦିତ ଫସଲର ଦର ଧାର୍ଯ୍ୟ କରିବେ। ଏଥିରେ ଚାଷୀ ବିକ୍ରି କରିବାକୁ ବାଧ୍ୟ ହେବ। ସମସ୍ତ ଦର କମ ବେଶୀ କରିବାର ନିଷ୍ପତ୍ତି କମ୍ପାନୀ ନେବ। ତେଣୁ ଏହା ଜନସାଧାରଣଙ୍କ ଉପରେ ସିଧା ସଳଖ ପ୍ରଭାବ ପକାଇବ ବୋଲି ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଆଶୋକ ପ୍ରଧାନ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ମୁରାରୀ ପୁରୋହିତ, ଉପସଭାପତି ଉମେଶ ମିଶ୍ର, ଦେବେନ୍ଦ୍ର ପ୍ରଧାନ, ବ୍ୟୋମକେଶ ଠାକୁର, ଦିଲୀପ ସାହୁ, ଭୈରବ ପ୍ରଧାନ, ଜି ମାଲାଶ୍ରୁ, ଏଡୁଆ ଖଡିଆ,ଏମ୍ ଭେଙ୍କଟେଶ୍ୱର, ମନବୋଧ ବାରିକ, ଅମନ ଅଗ୍ରୱାଲ, ଦିପକ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।




ଏଫ୍‌ସିଆଇ ଅଫିସ ପରିସରରେ ଚାଷୀମାନେ ବିକ୍ଷୋଭ କରୁଛନ୍ତି।

**ଖାଦ୍ୟ ନିରାପତ୍ତା, ସୁରକ୍ଷା ପ୍ରତି ବିପତ୍ତି ଆଣିବ**